## ସଂକ୍ଷେପରେ

### ଘରୋଇ କଳିରୁ ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨।୯:** ଏକ ଘରୋଇ କଳିରୁ ଜଣେ ଯୁବକ ବିଷପାନ କରି ଗୁରୁତର ଥିବା ବେଳେ ଏମ୍‌କେସିଜି ମେଡିକାଲରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ ରଞ୍ଜନ ସାହୁ (୨୮)। ଘର ଦିଗପହଣ୍ଡି ଥାନା ନୂଆ ଅନନ୍ତେଇ ବୋଲି ପୋଲିସ କହିଛି। ମେଡିକାଲ ଫାଣ୍ଡି ପୋଲିସ ସୋମବାର ମୃତଦେହ ଜବତ କରି ନଂ.୪୬୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ରଞ୍ଜନଙ୍କ ସ୍ତ୍ରୀ ଗର୍ଭବତୀ ଥିବା ବେଳେ ସେ ତାଙ୍କ ବାପଘର ଛତ୍ରପୁର ଚାଲି ଯାଇଥିଲେ। ସ୍ତ୍ରୀଙ୍କୁ ଦେଖା କରିବାକୁ ରଞ୍ଜନ ଗତ ୨୪ ତାରିଖରେ ଛତ୍ରପୁର ଯାଇଥିଲେ। ୨୫ ତାରିଖରେ ରଞ୍ଜନ ତାଙ୍କ ଶ୍ୱଶୁର ଘରେ କୌଣସି କାରଣରୁ ସ୍ତ୍ରୀଙ୍କ ସହ ଝଗଡା କରି ଗାଁକୁ ଫେରିଥିଲେ। ୨୬ ତାରିଖ ସକାଳେ ସେ ବିଷପାନ କରି ଘରେ ବାନ୍ତି କରିଥିଲେ। ବାପା ଭୀମସେନ ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨।୯:** ଏକ ବାଇକ୍ ଧକ୍କାରେ ଗୁରୁତର ହୋଇଥିବା ଜଣେ ବୃଦ୍ଧଙ୍କର ଏମ୍‌କେସିଜି ମେଡିକାଲରେ ରବିବାର ରାତିରେ ମୃତ୍ୟୁ ଘଟିଛି। ମୃତକ ଜଗନ୍ନାଥପ୍ରସାଦ ଥାନା ଚପରା ଗ୍ରାମର ଖଦାଳ ଗୌଡ଼ (୬୭)। ସୋମବାର ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୪୬୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ସନ୍ଧ୍ୟାରେ ଖଦାଳ କୌଣସି କାମରେ ଟିକିଲି ଯାଇ ନାଳ ରାସ୍ତା ଦେଇ ଗ୍ରାମକୁ ଫେରୁଥିଲେ। ସେହି ରାସ୍ତାରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ପଠାଇଥିଲେ। ପରେ ତାଙ୍କ ପୁଅ ଅର୍ଜୁନ ସେଠାରେ ପହଞ୍ଚିଥିଲେ। ଖଦାଳଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

■ ଫୋରମ୍ ଫର୍ ଗଞ୍ଜାମର ସାଧାରଣ ବୈଠକ

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ଆନ୍ଦୋଳନ ଡାକରା

ବ୍ରହ୍ମପୁର ଅଫିସ୍,୨।୯

ଫୋରମ୍ ଫର୍ ଗଞ୍ଜାମର ଏକ ସାଧାରଣ ବୈଠକ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଂଯୋଜକ ସୁଧୀର କୁମାର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଯୋଗୁ ଆଗାମୀ ଦିନରେ ଏହା ବିରୋଧରେ ଆନ୍ଦୋଳନ ପାଇଁ ଆଲୋଚନା ହୋଇଥିଲା।

ବଡ଼ ମେଡ଼ିକାଲ ଏବଂ ସିଟି ହସ୍‌ପିଟାଲ୍‌ରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉଭୟ ଚିକିତ୍ସାଳୟରେ ସିଟି ସ୍କାନର ଅଭାବ, ଡାଏଲିସିସ୍, ଅଲ୍‌ଟ୍ରାସାଉଣ୍ଡ, ଡିଜିଟାଲ୍ ଏକ୍ସ-ରେ, ନିରାମୟ ଯୋଜନାରେ ଔଷଧ ଆଦି ସୁବିଧା ଦେବାରେ ସରକାରଙ୍କ ବିଫଳତାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ବହୁଥର ଅଧ୍ୟକ୍ଷ, ପରିଚାଳକ, ଜିଲାପାଳ, ମୁଖ୍ୟଶାସନ ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟପଟେ ସ୍ୱାସ୍ଥ୍ୟ ସେବା ନ ପାଇ ଲୋକମାନେ କଟକ, ଭୁବନେଶ୍ୱର, ବିଶାଖାପାଟଣାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଆଗାମୀ ଦିନରେ ପୁଣି ଥରେ ପ୍ରଶାସକଙ୍କୁ ସାକ୍ଷାତ କରି ମେଡ଼ିକାଲ୍ ସମସ୍ୟା ସମ୍ପର୍କରେ ଅବଗତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଇଜର୍‌ର ଭିତ୍ତିଭୂମି ଏବଂ ନିର୍ମାଣ ପାଇଁ ସରକାର ଟଙ୍କା ଯୋଗାଇ ଦେଇଛନ୍ତି। ହେଲେ ପରିବେଶ ମଞ୍ଜୁରୀ ମିଳୁନି। ଫଳରେ ନିର୍ମାଣ କାର୍ଯ୍ୟ ମାନ୍ଦା ପଡ଼ିଯାଇଛି। ଏଣୁ ସରକାରଙ୍କ ଉପରେ ଚାପ ପକାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ମହାନଦୀ ବଞ୍ଚାଅ ଆନ୍ଦୋଳନରେ ଦକ୍ଷିଣ ଓଡ଼ିଶାର ନଦୀଗୁଡ଼ିକୁ ସାମିଲ୍ କରାଯାଇଛି। ଏହି କ୍ରମରେ ଆସନ୍ତା ଦିନରେ ରାୟଗଡ଼ା, ନବରଙ୍ଗପୁର, ଗୁଣୁପୁର, କୋଟପାଡ଼ ଓ ପାରଳାଖେମୁଣ୍ଡିରେ ଆଲୋଚନା ଚକ୍ର ଆୟୋଜନ କରାଯିବ। ବ୍ରହ୍ମପୁରରେ ଆସନ୍ତା ୧୫ତାରିଖରେ ଋଷିକୂଲ୍ୟା, ବାହୁଦା ନଦୀର ଶାଖା ଓ ଉପନଦୀକୁ କିଭଳି ପ୍ରଦୂଷଣ ମୁକ୍ତ କରାଯାଇ ପାରିବ, ସେ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏଥିରେ ନଦୀ ବଞ୍ଚାଅ ଅଧ୍ୟକ୍ଷ ସୁଦର୍ଶନ ଦାସ, ଭୃଗୁ ବକ୍ସିପାତ୍ର ଏବଂ ଅନ୍ୟ ବକ୍ତାମାନେ ଭାଗନେବେ। କାର୍ଯ୍ୟକ୍ରମର ସଫଳତା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅପରପକ୍ଷେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଅଧ୍ୟକ୍ଷ ତଥା ପରିବେଶବିତ୍ ସୁଧୀର କୁମାର ରାଉତ ପରିବେଶ ସୁରକ୍ଷା ଦିଗରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ନିଜସ୍ୱ ଉଦ୍ୟମରେ ଚାରା ରୋପଣ ସହ ପ୍ଲାଷ୍ଟିକ୍ ଓ ପଲିଥିନ୍ ବିରୋଧରେ ପଥପ୍ରାନ୍ତ ସଭା କରୁଛନ୍ତି। ସିଡ୍‌ବଲ୍ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଦିଗରେ ପଦକ୍ଷେପ ନେଇଛନ୍ତି। ଫଳରେ ତାଙ୍କ ନାମ ବର୍ତ୍ତମାନ ଓଡ଼ିଶା ସିଟିଜେନ୍ ଆୱାର୍ଡ଼ ପାଇଁ ଚୂଡ଼ାନ୍ତ ହୋଇଛି। ଆଗାମୀ ଦିନରେ ତାଙ୍କୁ ଅଧିକରୁ ଅଧିକ ଭୋଟ୍‌ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଂଗଠନର ବହୁ ସଦସ୍ୟା ସଦସ୍ୟ ଭାଗ ନେଇଥିଲେ।


ବୈଠକରେ ଉପସ୍ଥିତ ଫୋରମ୍ ଫର୍ ଗଞ୍ଜାମ କର୍ମକର୍ତ୍ତାମାନେ।

# ସ୍କାଉଟ୍ସ, ଗାଇଡ୍ସର ପ୍ରାକ୍ ରାଜ୍ୟ ପୁରସ୍କାର ଟେଷ୍ଟ

ବ୍ରହ୍ମପୁର ଅଫିସ୍,୨।୯

ଶିବାନନ୍ଦ ମା' ସରସ୍ୱତୀ ବିଦ୍ୟା ମନ୍ଦିରରେ ଗଞ୍ଜାମ ଜିଲା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଦ୍ୱିତୀୟ ଚରଣ ପ୍ରାକ୍ ରାଜ୍ୟ ପୁରସ୍କାର ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଅଧିକାରୀ ଡ. ସନାତନ ପଣ୍ଡାଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ କ୍ୟାମ୍ପରେ ୧୫୪ ସ୍କାଉଟ୍ ଏବଂ ଗାଇଡ୍ ଭାଗ ନେଇଥିଲେ। ପ୍ରଥମ ଦିନରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଗୌରୀଶଙ୍କର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ସମ୍ପାଦକ ଭାଗୀରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ୟାମ୍ପରେ ନେଟିଂ, କମ୍ପାସ୍, ଏଷ୍ଟିମେଶନ୍, ପତାକା ଉତ୍ତୋଳନ, ପ୍ରଣାଳୀ ଏବଂ ଷ୍ଟ୍ରେଚର୍, ପ୍ରାଥମିକ ଚିକିତ୍ସା ଆଦି ତାଲିମ୍ ଦିଆଯାଇଥିଲା। ଜିଲା ସଂଗଠନ କମିଶନର ସ୍କାଉଟ୍ ରାମହରି ସାହୁ, ଜିଲା ସ୍କାଉଟ୍ ମାଷ୍ଟର୍ ଲକ୍ଷ୍ମୀନାରାୟଣ ପଣ୍ଡା, ଟ୍ରେନିଂ କମିଶନର ଗାଇଡ୍ ସ୍ୱପ୍ନା ପାଣିଗ୍ରାହୀ, ସଂଗଠନ କମିଶନର ଗାଇଡ୍ ସସ୍ମିତା ପ୍ରଧାନ, ସ୍କାଉଟ୍ ମାଷ୍ଟର ବ୍ରଜକିଶୋର ଦାଶ ପ୍ରଶିକ୍ଷକ ଭାବେ ଦାୟିତ୍ୱରେ ଥିଲେ। ବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା। ଏଥି ସହ ପରିବେଶ ସଚେତନତା ସମ୍ପର୍କିତ ଏକ ରାଲିର ଆୟୋଜନ ହୋଇଥିଲା। କ୍ୟାମ୍ପରେ ଡିଏଭି ପବ୍ଲିକ ସ୍କୁଲ, କେ.ସି. ପବ୍ଲିକ ସ୍କୁଲ, ସେଣ୍ଟ ଜାଭିୟର ଆମ୍ବପୁଆ ଓ ମୀନାକ୍ଷୀନଗର, ସରସ୍ୱତୀ ଶିଶୁ ମନ୍ଦିର ଗଜପତିନଗର, କେ.ସି. ହାଇସ୍କୁଲ ନିମଖଣ୍ଡିର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସ୍କାଉଟ୍ ମାଷ୍ଟର କେଦାର ମହାପାତ୍ର, ସୁରେଶ ଚନ୍ଦ୍ର ପାଢୀ, କିରଣ କୁମାର ମିଶ୍ର, ରାଜେଶ ପାତ୍ର, ଶ୍ରୀନୁ ପାତ୍ର, ମୁକୁନ୍ଦ ସାହୁ, ବସନ୍ତ ନାୟକ, ଲକ୍ଷ୍ମୀଧର, ଗାଇଡ୍ କ୍ୟାପେଟେନ୍ ଲିପିକା ଓ ପୁଷ୍ପଲତା ମହାନ୍ତି ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ପ୍ରାକ୍ ଟେଷ୍ଟରେ ଭାଗ ନେଇଥିବା ସ୍କାଉଟ୍ସ ଏବଂ ଗାଇଡ୍ସ ଛାତ୍ରୀଛାତ୍ର ।

# ମାସିକ କ୍ଷୁଦ୍ରଗଳ୍ପ ଆସର



ଆସରରେ ମଞ୍ଚାସୀନ କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ୍,୨।୯

ନେତାଜୀ ସାରସ୍ୱତ ମଞ୍ଚର ସେପ୍ଟେମ୍ବର କ୍ଷୁଦ୍ରଗଳ୍ପ ଆସର ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ବିଶିଷ୍ଟ ବିଜ୍ଞାନ ଲେଖକ ଡ. ସନ୍ତୋଷ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମଞ୍ଚ ଉପଦେଷ୍ଟା ଡ. କୁଳମଣି ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ ପଠିତ ଗଳ୍ପଗୁଡ଼ିକର ସଂଯୋଜନା କରିଥିଲେ କବୟିତ୍ରୀ ସୁଚେତା ପାଣିଗ୍ରାହୀ । ମଞ୍ଚ ସମ୍ପାଦକ ନଳିନୀକାନ୍ତ ଗୌଡ଼ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଡ. ଦାଶ ପ୍ରାଚ୍ୟ ବିଦ୍ୟା ଓ ଆଧୁନିକ ବିଜ୍ଞାନ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ସଭାପତି ଡ. ଓଝା ପଠିତ ଗଳ୍ପଗୁଡ଼ିକ ଉପରେ ସ୍ୱକୀୟ ମତ ଉପସ୍ଥାପନ ପୂର୍ବକ ଓଡ଼ିଆ ଗଳ୍ପର ସାମ୍ପ୍ରତିକ ଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଆସରରେ ସରୋଜିନୀ ସାହୁ, ପ୍ରଭାତ କୁମାର ସାହୁ, ଅମିତା ମିଶ୍ର, ଶରତ କୁମାର ଦାସ, ଦେବୀପ୍ରଭା ରଥ, ସ୍ୱର୍ଣ୍ଣମୟୀ ପାଢୀ, ଡା. ଚନ୍ଦ୍ରମଣି ସ୍ୱାଇଁ, ଜିତେନ୍ଦ୍ରନାଥ ପଟ୍ଟନାୟକ, ସୁଦାମ ପାଣିଗ୍ରାହୀ, ଡ. ସନ୍ତୋଷ କୁମାର ଦାସ ଓ ଦେବୀପ୍ରସାଦ ମହାପାତ୍ର ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଶେଷରେ ସୁଦାମ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ମିଳିଛି ଫୁଟେଜ୍, ଧରାପଡ଼ି ନାହାନ୍ତି ଅଭିଯୁକ୍ତ

**ଟଙ୍କା ବ୍ୟାଗ୍ ଝାମ୍ପି ନେବା ଘଟଣା**

ବ୍ରହ୍ମପୁର ଅଫିସ,୨।୯

ବ୍ରହ୍ମପୁର ସହରରେ ଲୁଟେରାଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ସେମାନଙ୍କୁ ପୋଲିସ ଧରିପାରି ନାହିଁ। ସେହିପରି ଗତ ୧୪ ତାରିଖରେ ଟାଉନ ଥାନା ଅନ୍ତର୍ଗତ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିସରରୁ ବରିଷ୍ଠ ନାଗରିକ ଜି. ରାଧାକୃଷ୍ଣ ପାତ୍ରଙ୍କର ଏକ ଟଙ୍କା ଭର୍ତ୍ତି ବ୍ୟାଗ ଜଣେ ଦୁର୍ବୃତ୍ତ ଝାମ୍ପି ନେଇଯାଇଥିଲେ। ପୋଲିସ ବ୍ୟାଙ୍କରେ ଲାଗିଥିବା ସିସି ଟିଭିରୁ ଫୁଟେଜ ସଂଗ୍ରହ କରିଥିଲା। ଘଟଣାକୁ ପ୍ରାୟ ୩ ସପ୍ତାହ ବିତିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ପ୍ରକାଶଯେ, ଗତ ୧୪ ତାରିଖ ଅପରାହ୍ନ ୪ଟା ବେଳେ ଏସ୍‌ବିଆଇ ମୁଖ୍ୟ ଶାଖା ପରିସରରୁ ଜଣେ ବରିଷ୍ଠ ନାଗରିକଙ୍କ ହାତରୁ ଟଙ୍କାଭର୍ତ୍ତି ବ୍ୟାଗଟିକୁ କେହି ଦୁର୍ବୃତ୍ତ ଝାମ୍ପି ନେଇ ଯାଇଥିଲେ। ଆଙ୍କୁଲି ଶିଳ୍ପାଞ୍ଚଳର ଜି.ରାଧାକୃଷ୍ଣ ପାତ୍ର ଉକ୍ତ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ଗାଡି ନିକଟକୁ ଆସୁଥିଲେ। ହେଲେ ବ୍ୟାଙ୍କ ଭିତରେ ରାଧାକୃଷ୍ଣଙ୍କୁ ପିଛା କରୁଥିବା ଦୁର୍ବୃତ୍ତ ଜଣଙ୍କ ସୁବିଧା ଦେଖି ତାଙ୍କ ଟଙ୍କାଭର୍ତ୍ତି ବ୍ୟାଗଟିକୁ ଝାମ୍ପି ନେଇଯାଇଥିଲେ। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚିଥିଲା। ଅଭିଯୋଗ ପରେ ନଂ.୧୫୫/୧୯ରେ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଜଣେ ନାବାଳକ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରିଥିଲା। ଫୁଟେଜରୁ ମିଳିଥିବା ସୁରାକକୁ ଆଧାର କରି ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ତତ୍କାଳୀନ ଥାନାଧିକାରୀ ସନ୍ତୋସିନୀ ଓରାମ ସୂଚନା ଦେଇଥିଲେ।


ମୂଷିକ କାନରେ ମାନସିକ ଜଣାଉଛନ୍ତି ଜଣେ ଯୁବତୀ।


ବ୍ରହ୍ମପୁର ହିଲ୍‌ପାଟଣାସ୍ଥିତ ଗଣେଶ ମନ୍ଦିରରେ ଠାକୁରଙ୍କ ସାଜସଜ୍ଜା ।


ଜଣେ କନ୍ୟା ଶିଶୁଙ୍କ ଖଡ଼ି ଛୁଆଁ ଚାଲିଛି ।


ଭୋଗ ନଡ଼ିଆ ଠାକୁରଙ୍କ ନିକଟରେ ଅର୍ପଣ କରାଯାଉଛି ।

# ରେଶମ ନଗରୀ: ପୂଜା ପାଇଲେ ବିଘ୍ନରାଜ


ମହାମାୟୀ ମହିଳା ମହାବିଦ୍ୟାଳୟ ।


ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ।

ବ୍ରହ୍ମପୁର ଅଫିସ,୨।୯

ଗଣେଶ ପୂଜା ଅବସରରେ ଉତ୍ସବମୁଖର ହୋଇଉଠିଛି ରେଶମ ସହର ବ୍ରହ୍ମପୁର। ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ସହରର ମଣ୍ଡପରେ ପୂଜା ଆରମ୍ଭ ହୋଇଛି। ଫଳରେ ପ୍ରତ୍ୟେକ ଗଳି ଏବେ ରଙ୍ଗିନ ଆଲୋକମାଳା, ଆକର୍ଷଣୀୟ ସାଜସଜ୍ଜାରେ ଝଲସି ଉଠିଛି । ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ପୂଜା ମଣ୍ଡପଗୁଡିକରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ମଣ୍ଡପଗୁଡିକ ମଧ୍ୟରେ ବଡବଜାର ଗୌଡସାହି ପୂଜା କମିଟି ଦ୍ୱାରା ଆୟୋଜିତ ଗଣେଶଙ୍କ ଅନନ୍ତଶୟନ ବେଶ ଚିତ୍ତାକର୍ଷକ ହୋଇଛି। ସାଜସଜ୍ଜା ମଧ୍ୟରେ ବଡବଜାର ଚନ୍ଦ୍ରଶେଖର ମନ୍ଦିର ସାହିର ଚନ୍ଦ୍ରଶେଖର ଯୁବ ସଂଘ ଦ୍ୱାରା ଆୟୋଜିତ ମଣ୍ଡପ ପାହାଡ ଗୁମ୍ଫା ସାଜସଜ୍ଜା ଦର୍ଶକଙ୍କୁ ଆକର୍ଷିତ କରିଛି । ଗୋଇଲୁଣ୍ଡି ବଣିଜ ସଂଘ ପକ୍ଷରୁ ମଣ୍ଡପରେ ଆଧୁନିକ ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇଛି। ଲାଞ୍ଜିପଲ୍ଲୀ ଗୁଡସେଡ୍‌ରୋଡ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲ କ୍ୟାମ୍ପସରେ ପୂଜା ପାଳିତ ହୋଇଯାଇଛି। ସ୍କୁଲ ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ସମ୍ପାଦିକା ଅନୀତା କୁମାରୀ ପାଢୀ, ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ନରସିଂହ ସାହୁ, ଉପାଧ୍ୟକ୍ଷ ଭିକାରୀ ଚରଣ ବେହେରାଙ୍କ ସମେତ ସମସ୍ତେ ପୂଜା ପରିଚାଳନାରେ ସହଯୋଗ କରିଥିଲେ। ରୀତିନୀତି ସହ ପୂଜାର୍ଚ୍ଚନା ପରେ ଛାତ୍ରୀଛାତ୍ରଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ବ୍ରହ୍ମପୁର ମହାନଗର ନିଗମରେ ଅନୁଷ୍ଠିତ ପୂଜାରେ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଓ ଅନ୍ୟ କର୍ମକର୍ତ୍ତା ପୂଜା ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପୂଜା ଅନୁଷ୍ଠିତ ହୋଇଥିଲା। ଶରଧାବାଲି ବିଜୟାଟାୱାର, ପୂର୍ତ୍ତବିଭାଗ, ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ଓ କାର୍ଯ୍ୟାଳୟରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଥିଲା ।


ଖଲିକୋଟ ଜୁନିୟର ମହାବିଦ୍ୟାଳୟ ।

# ବିଦ୍ୟାଦାତାଙ୍କୁ ଆରାଧନା

**ବ୍ରହ୍ମପୁର ଅଫିସ,୨।୯:** ବ୍ରହ୍ମପୁର ହିଲପାଟଣାସ୍ଥ ସିଦ୍ଧି ବିନାୟକ ପୀଠରେ ସୋମବାର ଗଣେଶ ଚତୁର୍ଥୀ ତଥା ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ୪ ଦିନିଆ ମହୋତ୍ସବର ପ୍ରଥମ ଦିନ ରବିବାର ସନ୍ଧ୍ୟାରେ ଠାକୁରଙ୍କୁ ମହାସ୍ନାନ କରାଯାଇଥିଲା। ଦ୍ୱିତୀୟ ଦିବସ ଚତୁର୍ଥୀରେ ସୂର୍ଯ୍ୟପୂଜା, ଶାଳାପୂଜା, ମହାପୂଜା, ସହସ୍ରାର୍ଚ୍ଚନ, ହୋମ ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଆଳତି ହୋଇଥିଲା। ଏହି ମନ୍ଦିରରେ ଗଣପତିଙ୍କ ପୂଜାର୍ଚ୍ଚନା ଓ ଦର୍ଶନ ପାଇଁ ପ୍ରାତଃରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ମନ୍ଦିର ପରିଚାଳନା କମିଟି ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ସୁରେନ୍ଦ୍ର ଚୌଧୁରୀଙ୍କ ସମେତ ବଳରାମ ପଣ୍ଡା, ସମରସେନ ପାତ୍ର, ଜଗନ୍ନାଥ ଚୌଧୁରୀ, ଶ୍ୟାମ ସୁନ୍ଦର ନାୟକ ଓ ପବନା କୁମାର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମନ୍ଦିର ପକ୍ଷରୁ ଗଣପତିଙ୍କୁ ୨୧ କିଲୋ ଓଜନର ଲଡୁ ଭୋଗ କରାଯାଇଥିଲା । ସନ୍ଧ୍ୟାରେ ଏହା ନେବା ପାଇଁ ଆଗ୍ରହୀ ଭକ୍ତଙ୍କ ସମାବେଶରେ ନିଲାମ ଡ଼କାଯାଇଥିଲା। ମଙ୍ଗଳବାର ତୃତୀୟ ଦିବସରେ ସମସ୍ତ ରୀତିନୀତି ସହ ଶ୍ରଦ୍ଧାଳୁଙ୍କ ଦର୍ଶନ ଅବସରରେ ସେମାନଙ୍କ ମନୋରଞ୍ଜନ ପାଇଁ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବୁଧବାର ଅନ୍ତିମ ଦିବସରେ ମନ୍ଦିର ବେଢ଼ାରେ ଅନୁଷ୍ଠିତ ଯଜ୍ଞ ପୂର୍ଣ୍ଣାହୁତି ଦିଆଯିବା ପରେ ସନ୍ଧ୍ୟାରେ ଠାକୁରଙ୍କୁ ନଗର ପରିକ୍ରମା କରାଯିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷରେ ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କ ଓ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ପକ୍ଷରୁ ମଧ୍ୟ ଗଣେଶଙ୍କ ପୂଜା ଧୂମଧାମରେ ପାଳନ କରାଯାଇଥିଲା ।

**ସିଦ୍ଧି ବିନାୟକ ପୀଠ**


ହିଲପାଟଣା ଗଣେଶ ମନ୍ଦିର ।

## ସଂକ୍ଷେପରେ

### କଠିନ ବର୍ଜ୍ୟବସ୍ତୁ ସଚେତନତା ଶିବିର

ଆର.ଉଦୟଗିରି,୨।୯(ଡି.ଏନ.ଏ.)- ରାଜ୍ୟ ସରକାର ୧୫୩ ପଞ୍ଚାୟତକୁ କଠିନ ବର୍ଜ୍ୟବସ୍ତୁ କାର୍ଯ୍ୟକ୍ରମ ପାଇଁ ବାଛିଛନ୍ତି । ସେଥିମଧ୍ୟରୁ ଗଜପତି ଜିଲାର ୩ଟି ରହିଛି। ଏଥିସହ ଆର.ଉଦୟଗିରି ବ୍ଲକ ଶବରପଲ୍ଲୀ ପଞ୍ଚାୟତକୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସଚେତନତା ଶିବିର ୧ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ରବିବାର ଶବରପଲ୍ଲୀ ପଞ୍ଚାୟତ ମୁଣ୍ଡୁରବା ଏବଂ କନ୍ଦୁଲସାହିରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସୁଣ୍ଡରବା ଆବାସିକ ବିଦ୍ୟାଳୟ ଶିକ୍ଷକ ଯୁଧିଷ୍ଠିର ଦଳେଇ ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରାରେ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ମାରାଣ୍ଡି ବିଭିନ୍ନ ବର୍ଜ୍ୟବସ୍ତୁଗୁଡ଼ିକ କିଭଳି ଭିନ୍ନଭିନ୍ନ ସ୍ଥାନରେ ରଖାଯିବ ଏବଂ ଏହାର ପୁନଃ ପ୍ରକ୍ରିୟାକରଣ ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ସମଗ୍ର ଗ୍ରାମକୁ ସଫା କରି ଅନ୍ୟ ପଞ୍ଚାୟତଗୁଡ଼ିକ ପାଇଁ ଉଦାହରଣ ସୃଷ୍ଟି କରାଯାଇଥିଲା। ଶବରପଲ୍ଲୀ ପଞ୍ଚାୟତକୁ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସ୍ଥାନୀୟ ସରପଞ୍ଚ ରଇତ, ସମିତିସଭ୍ୟା ଜାନକୀ ଦେବୀ ରଇତ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ମିନତି ମିଶ୍ର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏଥିସହ ବିଡିଓ ନାୟକ କଙ୍କଡ଼ାଗୁଡ଼ା ଗ୍ରାମ ଏବଂ କାନ୍ଦୁଲ ସାହି ଗ୍ରାମରେ ଏନ୍‌ଏସ୍‌ପିଓ୍ୱାଇ ହିତାଧିକାରୀଙ୍କ ଗୃହ ନକ୍ସା କନିଷ୍ଠ ଯନ୍ତ୍ରୀ ମଲିକଙ୍କ ଜରିଆରେ ପ୍ରଦାନ କରିବା ସହ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଆର.ଉଦୟଗିରି ପଞ୍ଚାୟତ ସମିତି ବିପିସି ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମଧ ଉପସ୍ଥିତ ଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଦୀପ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ରଷିକେଶ ମାରାଣ୍ଡି, ପ୍ରଶାନ୍ତ ମଲିକ, ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ରଇତ, ସମିତିସଭ୍ୟ, ବିଭିନ୍ନ ୱାର୍ଡର ସଭ୍ୟାସଭ୍ୟ, ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତା, ଅଙ୍ଗନୱାଡ଼ି କର୍ମୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

### ଗୀତାପାଠ କର୍ମଶାଳା

**ବଡ଼ସାହି,୨।୯(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀଠାରେ ପ୍ରଜାପିତା ବ୍ରାହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୀତାପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାସ୍କର ଚନ୍ଦ୍ର ଦୁର୍ଗା, ସମ୍ମାନିତ ଅତିଥି ଭାବେ ଡ଼. ରମାକାନ୍ତ ମହାନ୍ତ, ମୁଖ୍ୟବକ୍ତା ସୁବାସ ଚନ୍ଦ୍ର ଦେ, ମନୋରଞ୍ଜନ ଦୁର୍ଗା ପ୍ରମୁଖ ଉପସ୍ଥିତ ରହି ଉତ୍ସବର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାମଣି ଦାସ, ରଜନୀ ପଣ୍ଡା, ଅନୁପମା ନାୟକ, ସୁବାସିନୀ କର, କୁଞ୍ଜଲତା ପତି, ରେବତୀ ମାଝୀ ଯାଜ୍ଞସେନୀ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ



**ଭଞ୍ଜନଗର,୨।୯(ଡି.ଏନ.ଏ):** ଭଞ୍ଜନଗର ବ୍ଲକ ମୁଜାଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଶ୍ୱଶୁର ଲୋକନାଥ ପ୍ରଧାନ (୭୫)ଙ୍କ ସୋମବାର ପରଲୋକ ଘଟିଛି। ସେ କିଛିମାସ ହେବ ଅସୁସ୍ଥ ଥିଲେ। ପ୍ରତ୍ୟୁଷରେ ନିଜ ବାସଭବନ ମୁଜାଗଡ଼ରେ ତାଙ୍କର ପରଲୋକ ହୋଇଥିଲା। ପରେ ଏକ ଶୋଭାଯାତ୍ରାରେ ନେଇ ଅନ୍ତିମ ସତ୍କାର କରାଯାଇଥିଲା। ମନ୍ତ୍ରୀ ଆରୁଖ, ପୂର୍ବତନ ଆସିକା ଏମ୍‌ପି ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଲୋକନାଥଙ୍କ ଅନ୍ତିମ ଦର୍ଶନ କରିଥିଲେ।

# ବିକାଶରେ ବାଧକ ସାଜିଛି ଜଙ୍ଗଲ ରାସ୍ତା

- ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅଧାପନ୍ତରିଆ
- ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଲେ ଜିଲାପାଳ

**ଚନ୍ଦ୍ରଗିରି,୨।୯(ଡି.ଏନ.ଏ.)**

ଗଜପତି ଜିଲା ମୋହନା ବ୍ଲକର ଦୁର୍ଗମ ଅଞ୍ଚଳ ଢେପାଗୁଡା ପଞ୍ଚାୟତ। ଗଜପତି-ଗଞ୍ଜାମ ଜିଲା ସୀମାନ୍ତରେ ଥିବା ଲଖାରୀ ଅଭୟାରଣ୍ୟ ପାହାଡ ତଟବର୍ତ୍ତୀ ଅଞ୍ଚଳରେ ରହିଛି ଢେପାଗୁଡା। ବ୍ଲକ ହେଡ୍‌କ୍ୱାର୍ଟରରୁ ଗୁବୁରୀଗୁଡା ପର୍ଯ୍ୟନ୍ତ ରାସ୍ତା ଥିବାବେଳେ ସେଠାରୁ ଢେପାଗୁଡା ପଞ୍ଚାୟତ ଆଉ ୭କିମି। ଏହି ୭କିମି ରାସ୍ତା ପାହାଡ ଜଙ୍ଗଲ ଘେରା। ଯାହାକି ପଞ୍ଚାୟତର ବିକାଶରେ ବାଧକ ସାଜିଛି। ବର୍ଷବର୍ଷ ଧରି ଅଞ୍ଚଳବାସୀ ନେତା, ଅଫିସରଙ୍କୁ ଗୁହାରି କଲେ ମଧ କେହି ଶୁଣୁ ନାହାନ୍ତି। ଏବେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ରାସ୍ତାଟିଏ ପାଇଁ ଗୁହାରି କରି ଆଶା ବାନ୍ଧି ବସିଛନ୍ତି ଅଞ୍ଚଳବାସୀ। ସମସ୍ତ ସରକାରୀ ସୁବିଧା ପାଇଁ ଅଞ୍ଚଳବାସୀ ଗଜପତି ଜିଲା ଉପରେ ନିର୍ଭରଶୀଳ। ହେଲେ ବିଡମ୍ବନାର ବିଷୟ ଏହି ପଞ୍ଚାୟତ ଅଞ୍ଚଳରେ ଥିବା ପ୍ରାୟ ୩୦ଖଣ୍ଡ ଗ୍ରାମବାସୀଙ୍କ ପାଇଁ ରାସ୍ତା ପାଲଟିଛି ମୁଖ୍ୟ ସମସ୍ୟା। ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ, ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ଏବେ ବି ଏମାନେ ବଞ୍ଚିତ।



ଚାନ୍ଦିପୁଟ ଗୁବୁରିଗୁଡାଠାରୁ ଢେପାଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତା।

୨୦ କିମି ରାସ୍ତା ପରିବର୍ତ୍ତେ ଗଞ୍ଜାମ ଜିଲାର ଭୀଷ୍ମଗିରି, ତପ୍ତପାଣି ରାସ୍ତା ଦେଇ ଦୀର୍ଘ ୬୦ ରୁ ୭୦ କିମି ଯାଇ ମୋହନା ବ୍ଲକକୁ ଯିବାଆସିବା କରୁଛନ୍ତି। ୨୦୦୯-୧୦ରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଚାନ୍ଦିପୁଟ ଠାରୁ ଗୁବୁରିଗୁଡା, ମହୁଲମେଲାଣୀ ଦେଇ ଢେପାଗୁଡା ଓ ଗୋଠକେଳିକୁ ଏକ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ଯାହାକି ଗଞ୍ଜାମ ଜିଲାର ଭୀଷ୍ମଗିରି ଓ ଡେଙ୍ଗାଓସ୍ତା ଜାତୀୟ ରାଜପଥକୁ ସଂଯୋଗ କରିଥାନ୍ତା। କିନ୍ତୁ ରାସ୍ତା ମଧ୍ୟରେ ଜଙ୍ଗଲ ଥିବାରୁ ଗୋଠକେଳି ପରିବର୍ତ୍ତେ ଗୁବୁରୀଗୁଡା ଗ୍ରାମରେ ଅଟକି ରହିଯାଇଛି। ବର୍ତ୍ତମାନ ଗୁବୁରୀଗୁଡା ଠାରୁ ଢେପାଗୁଡାକୁ ମାତ୍ର ସାତ କିମି ହୋଇଥିବା ବେଳେ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ହାଟ ପାଇଁ ମହୁଲମେଲାଣୀ ସମେତ ଆଖପାଖ ଗ୍ରାମବାସୀ ଚାନ୍ଦିପୁଟ ପଞ୍ଚାୟତ ଉପରେ ନିର୍ଭର କରୁଛନ୍ତି। ଜଙ୍ଗଲ ପାହାଡ ଘେରା ପାଦଚଲା ରାସ୍ତା ହିଁ ଏମାନଙ୍କ ଭରସା।

ଚାନ୍ଦିପୁଟ ଗୁବୁରିଗୁଡାଠାରୁ ଢେପାଗୁଡା ପର୍ଯ୍ୟନ୍ତ ଥିବା ଘାଟୀ ପାଦଚଲା ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପକ୍କା ରାସ୍ତା ପାଇଁ ଦାବି ଜଣାଇ ଢେପାଗୁଡା ସରପଞ୍ଚ ସରସ୍ୱତୀ ମଳିକ, ସମିତିସଭ୍ୟ ସୁବାସ ମଲ୍ଲିକ, ସ୍ଥାନୀୟ ସମବାୟ ସମିତି ସଭାପତି ମନୋଜ କୁମାର ସାହୁ, ଯୁଗିଡିଅ ଗ୍ରାମ ୱାର୍ଡ଼ ମେମ୍ବର ସୁନୀଲ ରାଇକା ଓ ସୁନିଲ ବିଶୋୟୀଙ୍କ ସମେତ ଅଞ୍ଚଳବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗଜପତି ଜିଲାପାଳ ଅନୁପମ ଶାହାଙ୍କୁ ଏକ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏନେଇ ଜିଲାପାଳ, ଅନୁପମ ଶାହାଙ୍କୁ ପଚାରିବାରୁ ସେ କହିଛନ୍ତି, ଚାନ୍ଦିପୁଟ ଠାରୁ ଢେପାଗୁଡାକୁ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଜଣାଇଛନ୍ତି। ଯେହେତୁ ଏହି ରାସ୍ତାଟି ସଂରକ୍ଷିତ ଜଙ୍ଗଲ ତଥା ଲଖାରୀ ଅଭୟାରଣ୍ୟ ଦେଇ ଆସୁଛି। ତେଣୁ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ଅନୁମତି ଅଣାଯିବା ପରେ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ।

### ମୋ ଗୋପାଳପୁର କାର୍ଯ୍ୟକ୍ରମ

# ମନ ମୋହିଲା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ନୃତ୍ୟ

**ଗୋପାଳପୁର,୨।୯**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଗୋପାଳପୁର ଏନ୍‌ଏସି ପକ୍ଷରୁ ମୋ ଗୋପାଳପୁର କାର୍ଯ୍ୟକ୍ରମ ଚାଲୁ ରହିଛି। ରବିବାର ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମରେ ଜିଲାପାଳ, ସମ୍ମାନିତ ଅତିଥି ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଆୟୋଜିତ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଏଥିସହ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବା ସହ ବେଳାଭୂମି ଓ ବିଜ୍ଞାପିତ ଅଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଆହ୍ୱାନ ଦିଆଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୋ ଗୋପାଳପୁର କାର୍ଯ୍ୟକ୍ରମ ଆଗାମୀ ପ୍ରତ୍ୟେକ ରବିବାର ହେବ ବୋଲି ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ କହିଛନ୍ତି। ଏଥିରେ ଅନାମିକା ପଟ୍ଟନାୟକ, ସରିତାରାଣୀ ପଟ୍ଟନାୟକ, ମୁନା ସେଠୀ, ପ୍ରିୟରଞ୍ଜନ ମହାରଣା, ଡି. ସୁଶୀଳା, ହିସି ହାଂସଦା, ପ୍ରଶାନ୍ତ ତ୍ରିବେଦୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ପର୍ଯ୍ୟଟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ।

# ଅଙ୍ଗନୱାଡ଼ି ସଂଘର ନୂତନ କର୍ମକର୍ତ୍ତା ଚୟନ



ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ପାତ୍ରପୁର,୨।୯(ଡି.ଏନ୍.ଏ.)**

ପାତ୍ରପୁର ଦୁର୍ଗାମନ୍ଦିର ନିକଟରେ ଅଲ୍ ଓଡ଼ିଶା ଲେଡ଼ିଜ୍ ୱାର୍କର୍ସ ଆସୋସିଏସନ ପାତ୍ରପୁର ଶାଖା ତରଫରୁ ରବିବାର କର୍ମୀ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ବ୍ଲକ ଅଙ୍ଗନୱାଡ଼ି ସମ୍ପାଦିକା ହେମଲତା ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦିକା ସୁମିତ୍ରା ମହାପାତ୍ର, ଭାରତୀୟ ମଜଦୂର ସଂଘ କ୍ଷେତ୍ର ପ୍ରମୁଖ ବସନ୍ତ ସାହୁ, ରବୀନ୍ଦ୍ର କୁମାର ମିଶ୍ର, ଗୀତାରାଣୀ ମହାନ୍ତି, ଅମିତା ସାହୁ, ସଭାନେତ୍ରୀ ନଳିନୀ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ ମାନ୍ୟତା, ପେନ୍‌ସନ ପ୍ରଦାନ, ଖରାଛୁଟିକୁ ସରକାର ବର୍ଦ୍ଧିତ ଟଙ୍କା ପ୍ରଦାଦ କରିବା ଭଳି ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ନୂତନ ସଭାପତି ଭାବେ ନଳିନୀ ମହାନ୍ତ, ଉପସଭାପତି ଗୀତାଞ୍ଜଳୀ ନାୟକ, ସମ୍ପାଦିକା ହେମଲତା ମହାନ୍ତି, ସହ ସମ୍ପାଦିକା ପ୍ରତିଭା ପାତ୍ର, କୋଷାଧ୍ୟକ୍ଷ ଭାବେ ଭୈରବୀ ମହାନ୍ତିଙ୍କୁ ଚୟନ କରାଯାଇଥିଲା । ବିଭିନ୍ନ ସେକ୍ଟର ସ୍ତରରେ ସରିତା ପାଇକ, ତୁଳସୀ ମହାନ୍ତି, ପି. ସୁମିତା, ସଞ୍ଜୁକ୍ତା ପ୍ରଧାନ, ହାରାବତି ପ୍ରଧାନ, ସୁମିତ୍ରା ପ୍ରଧାନ, ସୁଷମା ଦେବୀ, ଅମ୍ବିକା ଶତପଥୀ, ଅମିତା ପଣ୍ଡା ପ୍ରମୁଖଙ୍କୁ ଲିଡ଼ର ଭାବେ ଚୟନ କରାଯାଇଥିଲା ।

### ମାରାଂବୁରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ବିଜାତଳା ଦଳ ଚାମ୍ପିୟନ

**ଠାକୁରମୁଣ୍ଡା,୨।୯(ଡି.ଏନ୍.ଏ.)**

ଠାକୁରମୁଣ୍ଡା ବ୍ଲକ ଗୋବରଯୋଡ଼ାଠାରେ ମାରାଂବୁରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରାନ୍ତରୁ ମୋଟ ୬୪ ଟି ଫୁଟବଲ ଟିମ୍ ଅଂଶ ଗ୍ରହଣ କରିଥିବାବେଳେ ଦିନୁ ବିଜାତୋଳା ଫୁଟବଲ ଟିମ ଟି. ଟି ଶରତକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ଟି.ଟି ଶରତ ରନର୍ସ ଅପ ହୋଇଥିଲା । ଚାମ୍ପିୟନ ଟିମକୁ ୨୦ ହଜାର ଟଙ୍କା, ରନର୍ସ ଅପ ଟିମକୁ ୧୫ ହଜାର ଏବଂ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୧୦ ଓ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଭ୍ୟ ସମାଇଁ ପୂର୍ତ୍ତି, ତରାମରା ସରପଞ୍ଚ ଇନ୍ଦୁମତି ନାଏକ,ଦିଗଧର ସରପଞ୍ଚ ମନ୍ଦାକିନୀ ନାଏକ, ନନ୍ଦକିଶୋର ବାରିକ ଯୋଗ ଦେଇଥିଲେ। ବାଜିନାଥ ସୋରେନ, ରଘୁ ହାଁସଦା, ସିଦ୍ଧୁ ଟୁଡୁ, କମାଲ ରାନୁ କିସ୍କୁ ଖେଳ ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ପ୍ରତିଯୋଗିତା

## ଗଞ୍ଜାମ ଜୁଡୋ ଆସୋସିଏଶନର କୃତିତ୍ୱ

**ଆସିକା,୨।୯(ଡି.ଏନ୍.ଏ.)**

ପାରାଦ୍ୱୀପଠାରେ ଚାଲିଥିବା ରାଜ୍ୟସ୍ତରୀୟ ଜୁଡୋ ପ୍ରତିଯୋଗିତାରେ ଗଞ୍ଜାମ ଜୁଡୋ ଆସୋସିଏଶନର ପ୍ରତିଯୋଗୀ ବିଭିନ୍ନ ବର୍ଗରେ ୨ ସ୍ୱର୍ଣ୍ଣ ଓ ୪ ରୌପ୍ୟ ପଦକ ହାସଲ କରିଛନ୍ତି। ରବିବାର ଉଦଯାପନୀ ସମାରୋହରେ କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିବା ଗଞ୍ଜାମ ଜୁଡୋ ଆସୋସିଏଶନର ସମ୍ପାଦକ ରାଘବ କୁମାର ନାହାକ ସୂଚନା ଦେଇଛନ୍ତି । ଜୁନିୟର ପୁରୁଷ ୯୦ କେଜି ବର୍ଗରେ ପି. ରମେଶ ରେଡ୍ଡୀ ଓ ୭୩ କେଜି ବର୍ଗ କ୍ୟାଡେଟ ବାଳିକାରେ ଜି. ବିଦ୍ୟାଶ୍ରୀ ରେଡ୍ଡୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିପରି ପୁରୁଷ ୭୦ କେଜି ବର୍ଗରେ ଆଶିସ କୁମାର ବେହେରା, ସବ ଜୁନିୟର ୬୬ କେଜି ବର୍ଗରେ ଅଙ୍କିତ ଅନୁପମ, ଜୁନିୟର ପୁରୁଷ ବର୍ଗ ୮୧ କେଜିରେ ରବୀନ୍ଦ୍ର କୁମାର ଜେନା ଓ ୬୦ କେଜି ବର୍ଗରେ ସୁମନ ନାୟକ ରୌପ୍ୟ ପଦକ ଜିତିଛନ୍ତି। କୃତୀ ପ୍ରତିଯୋଗୀମାନଙ୍କୁ ଏସୋସିଏଶନର ସଭାପତି ସତ୍ୟନାରାୟଣ ସ୍ୱାଇଁ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଅଭିନନ୍ଦନ ଜଣାଇଛନ୍ତି।



କୃତୀ ପ୍ରତିଯାଗୀମାନେ ଓ ଟିମ୍ ମ୍ୟାନେଜର ।

# ଦିଗପହଣ୍ଡିରେ ଛତୁଆ ବଣ୍ଟନ ଶୁଭାରମ୍ଭ

**ଦିଗପହଣ୍ଡି,୨।୯(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକର ଗ୍ରାମାଞ୍ଚଳରେ ରବିବାର ଗର୍ଭବତୀଙ୍କୁ ପୁଷ୍ଟିକର ଛତୁଆ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଗୋକର୍ଣ୍ଣପୁର ହାଇସ୍କୁଲ ପରିସରରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଠାରେ ଏଥିପାଇଁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଏବଂ ବିଡ଼ିଓ ହଳଧର ଶବର ଅତିଥି ଭାବେ ଯୋଗଦେଇ ଗ୍ରାମର ପଞ୍ଜୀକୃତ ଗର୍ଭବତୀଙ୍କୁ ଛତୁଆ ବଣ୍ଟନ କରିଥିଲେ। ସରପଞ୍ଚ ପ୍ରତିନିଧି ଅସିତ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜାଗିଲି ସାହୁ, ଗ୍ରାମ ରୋଜଗାର ସେବକ ଗଣେଶ ରେଡ୍ଡୀ, ସାମାଜିକ କର୍ମୀ ଜି. ନନ୍ଦନ ଦୋରା, ଅଙ୍ଗନୱାଡ଼ି ସୁପରଭାଇଜର କନକଲତା ବେହେରାଙ୍କ ସମେତ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ।



ସିଡ଼ିପିଓଙ୍କ ଦ୍ୱାରା ଛତୁଆ ବଣ୍ଟନ ଶୁଭାରମ୍ଭ କରାଯାଉଛି।

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ନୂତନ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରତିମାସ ପହିଲାରେ ଏଣିକି ଛତୁଆ ବଣ୍ଟନ କରାଯିବ। ଦିଗପହଣ୍ଡି ବ୍ଲକ ଅଧିନ ୨୭୦ ଅଙ୍ଗନୱାଡ଼ି କେନ୍ଦ୍ରରେ ପଞ୍ଜିକୃତ ୩୫୦୦ ପ୍ରସୂତୀ ଓ ଗର୍ଭବତୀଙ୍କ ସମେତ ପ୍ରାୟ ୭ ହଜାର ଶିଶୁଙ୍କୁ ରବିବାରଠାରୁ ଛତୁଆ ବଣ୍ଟନ କରାଯାଇଥିବା ସିଡ଼ିପିଓ ଯୋଶବନ୍ତି ସାହୁ କହିଛନ୍ତି। ଛତୁଆ ବଣ୍ଟନ କାର୍ଯ୍ୟ ତଦାରଖ ପାଇଁ ତହସିଲଦାରଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି। ସିଡ଼ିପିଓ, ତହସିଲଦାର ଓ ବିଡିଓ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଛତୁଆ ବଣ୍ଟନ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

### ସମସ୍ତ ବର୍ଗର ବ୍ରାହ୍ମଣମାନଙ୍କୁ ନେଇ ବୈଠକ

## ବ୍ଲକସ୍ତରୀୟ ବ୍ରାହ୍ମଣ ମହାସଂଘ ଗଠିତ

**ଶେରଗଡ଼,୨।୯(ଡି.ଏନ.ଏ.)**

ଶେରଗଡ଼ ବ୍ଲକ ସମସ୍ତ ବର୍ଗର ବ୍ରାହ୍ମଣ ମାନଙ୍କୁ ନେଇ ବୈଠକ ସ୍ଥାନୀୟ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରାହ୍ମଣ ମହାସଂଘର ସଭାପତି ଗଙ୍ଗାଧର ଶତପଥୀ ଅଧ୍ୟକ୍ଷତା କରିଥିଲେ। ମହାସଂଘର ସଭ୍ୟ ଭାବେ ହୃଷୀକେଶ ପାଢୀ, ସୀମାଞ୍ଚଳ ମହାପାତ୍ର, ସତ୍ୟନାରାୟଣ ପାତ୍ର, ନାରାୟଣ ପାଣିଗ୍ରାହୀ, ପ୍ରଦୀପ କୁମାର ପାଣିଗ୍ରାହୀ, ଭିକାରୀ ଚରଣ ପଣ୍ଡା, ସୂର୍ଯ୍ୟନାରାୟଣ ଦାଶ, ଚନ୍ଦ୍ରଭାନୁ ପଣ୍ଡା, ସୁରେନ୍ଦ୍ରମିଶ୍ର, ବିରୁପାକ୍ଷ ସାମନ୍ତରାୟଙ୍କୁ ନେଇ ଶେରଗଡ଼ ବ୍ଲକସ୍ତରୀୟ ବ୍ରାହ୍ମଣ ମହାସଂଘ ଗଠନ କରାଯାଇଥିଲା। ସଂଘ ବ୍ଲକର ପ୍ରତି ଗ୍ରାମକୁ ଯାଇ ବ୍ରାହ୍ମଣମାନଙ୍କୁ ଏକତ୍ରିତ କରିବା ସହ ମହାସଂଘର କାର୍ଯ୍ୟଧାରା ବର୍ଣ୍ଣନା କରିବାକୁ କୁହାଯାଇଥିଲା। ଆଗାମୀ ଦିନରେ ହଜାର ହଜାର ବ୍ରାହ୍ମଣ ସମାଜର କର୍ମକର୍ତ୍ତାଙ୍କୁ ନେଇ ବ୍ରାହ୍ମଣ ମାନଙ୍କର ସଂସ୍କୃତି ପରମ୍ପରା ଏକ କରିବା, ସମସ୍ତ ବ୍ରାହ୍ମଣମାନେ ଗୋଟିଏ ସଂଘକୁ ସମର୍ଥନ କରି ନିଜର ହକ ପାଇଁ ଲଢେଇ କରିବା, ଚାକିରି, ପଦୋନ୍ନତି କ୍ଷେତ୍ରରେ ମେଧାବୀଙ୍କୁ ପ୍ରାଧାନ୍ୟ ଦେବା,ବ୍ରାହ୍ମଣ ପରିବାରର ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ପାଣ୍ଠି ଗଠନ କରିବା ଆଦି ଦାବି ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ବ୍ରାହ୍ମଣ ମହାସଂଘର କମିଟି ସଭ୍ୟ, ବ୍ଲକର ବହୁ ବ୍ରାହ୍ମଣ ଯୋଗଦେଇଥିଲେ।

# ବ୍ୟାଙ୍କ ସେବା ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର

**ଭଞ୍ଜନଗର,୨।୯(ଡି.ଏନ୍.ଏ.)**

ଭଞ୍ଜନଗରର ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ବ୍ୟାଙ୍କ, ଡାକ ସେବା ଉପରେ ଜ୍ଞାନ ଆହରଣ କରିଛନ୍ତି। ଗତ ଶନିବାର ଛାତ୍ରୀଛାତ୍ରମାନେ ଭଞ୍ଜନଗର ମୁଖ୍ୟ ଡାକଘର ପରିଦର୍ଶନ କରିଥିଲେ। ସେଠାରେ ଗ୍ରାହକଙ୍କୁ ଦିଆଯାଉଥିବା ବ୍ୟାଙ୍କ ସେବା ବିଷୟରେ ବୁଝିଥିଲେ। ଏହାପରେ ବିଭିନ୍ନ ବ୍ୟାଙ୍କ ସମେତ ଅନ୍ୟାନ୍ୟ ଅଞ୍ଚଳ ପରିଦର୍ଶନ କରିଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜ୍ଞାନ ବୃଦ୍ଧି କରିବା ଲକ୍ଷ୍ୟରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା।



ଛାତ୍ରୀଛାତ୍ର ପୋଷ୍ଟ ଅଫିସ ପରିଦର୍ଶନ କରୁଛନ୍ତି।

# ପରିବାର ନିୟୋଜନ ଅସ୍ତ୍ରୋପଚାର ବିଫଳ

**ଫୁଲବାଣୀ ଅଫିସ, ୨।୯**

ଜଣେ ମହିଳାଙ୍କ ପରିବାର ନିୟୋଜନ ଅସ୍ତ୍ରୋପଚାର ବିଫଳ ହୋଇଛି । ଅସ୍ତ୍ରୋପଚାର ପରେ ନୁହେଁ ପୂର୍ବରୁ ସେ ଗର୍ଭବତୀ ଥିବା ଏବେ ଜଣାପଡିଛି। କାରଣ ସନ୍ତାନ ଜନ୍ମ ଦେବା ପାଇଁ ଫୁଲବାଣୀ ଜିଲା ମେଡିକାଲରେ ମହିଳା ଜଣକ ଭର୍ତ୍ତି ହୋଇଛନ୍ତି। ଯଦି ଜଣେ ଗର୍ଭବତୀ ଥିଲେ ଡାକ୍ତର କିପରି ଜାଣିପାରିଲେ ନାହିଁ ଏବଂ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଇଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାକୁ ମେଡିକାଲ କର୍ତ୍ତୃପକ୍ଷ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ଅନ୍ୟପକ୍ଷରେ ଅସ୍ତ୍ରୋପଚାର ପରେ ଯେଉଁ ସାର୍ଟିଫିକେଟ ପ୍ରଦାନ କରାଯିବା କଥା ତାହା ଦିଆଯାଉନାହିଁ । କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ନୂଆସାହି ଗ୍ରାମର ସୁବାସ ନାୟକଙ୍କ ସ୍ତ୍ରୀ ରେଖାଙ୍କ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳିଛି । ଗତ ୩୧ ତାରିଖରୁ ରେଖା ମେଡିକାଲରେ ଥିବା ବେଳେ ତାଙ୍କର ଅସ୍ତ୍ରୋପଚାର କରାଯାଇ ପିଲା ଜନ୍ମ କରାଯିବ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି।

ଗତ ଫେବୃୟାରୀ ୪ ତାରିଖରେ ବାରଖମା ଡାକ୍ତରଖାନାରେ କ୍ୟାମ୍ପ କରାଯାଇ ମହିଳାଙ୍କ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିଲା । ରେଖାଙ୍କୁ ନେଇ ଆଶା କର୍ମୀ ଜାହ୍ନବୀ ପାତ୍ର ଉକ୍ତ କ୍ୟାମ୍ପକୁ ଯାଇଥିଲେ। ସେଠାରେ ରେଖାଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ମାତ୍ର ଏ ସମ୍ପର୍କିତ କିଛି ପ୍ରମାଣପତ୍ର ଦିଆଯାଇ ନ ଥିଲା । କିଛି ଦିନ ପରେ ରେଖା ଗର୍ଭବତୀ ଥିବା ଜଣାପଡିଥିଲା । ସ୍ୱାମୀ ସୁବାସ ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ । ତେଣୁ ବାଧ୍ୟ ହୋଇ ସେ ପିଲା କିପରି ଜନ୍ମ ହେବ ତାହା ଉପରେ ଦୃଷ୍ଟି ଦେଇଥିଲେ । ଏବେ ରେଖାଙ୍କ ଅବସ୍ଥା ଭଲ ନ ଥିବା ସୁବାସ କହିଛନ୍ତି। ଘଟଣା ସମ୍ପର୍କରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ମେଡିକାଲ) ମନୋରଞ୍ଜନ ରାଉତଙ୍କ ସହ ଯୋଗଯୋଗ କରିବାରୁ ଅତିରିକ୍ତ ଚିକିତ୍ସାଧିକାରୀ(ପରିବାର କଲ୍ୟାଣ) ଛୁଟିରେ ଯାଇଛନ୍ତି। ସେ ଫେରିବା ପରେ ବୁଧବାର ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗଣେଶ ପୂଜା ଫିକା କଲା ଲଘୁଚାପ ବର୍ଷା



**କୋଦଳା,୨୧୯(ଡି.ଏନ.ଏ.):** ରାଜ୍ୟର ସବୁଆଡ଼େ ବିଘ୍ନରାଜଙ୍କ ପୂଜା ଚାଲିଥିବା ବେଳେ କୋଦଳାରେ ପ୍ରବଳ ଲଘୁଚାପ ବର୍ଷା ଏହାକୁ ଫିକା କରିଛି। ସମସ୍ତ ସ୍କୁଲ କଲେଜ ଛାତ୍ରୀଛାତ୍ର ଆନନ୍ଦରେ ଗଣେଶ ପୂଜା କରିବାକୁ ଯାଇ ବର୍ଷାରେ ଓଦା ହୋଇ ଫେରିଛନ୍ତି। କୋଦଳାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଖୋଲାସାହି, ଗଉଡ଼ସାହି, ଏନ୍ଏସି ମାର୍କେଟ, ଭାଇଗା ସାହି, ବସ୍ଷ୍ଟାଣ୍ଡ ଅଟୋ ସଂଘ ଭଳି ଜାଗାରେ ଦୀର୍ଘଦିନ ଧରି ନିର୍ମାଣ କରାଯାଇଥିବା ଗଣେଶ ମେଢ଼ ବର୍ଷାରେ ଧୋଇ ଯାଇଛି। ଫଳରେ ପୂଜା କମିଟି ସଦସ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନ୍ଏସି ମାର୍କେଟରେ ବିଘ୍ନରାଜ ଯୁବକ ସଂଘ ପୂଜା କମିଟି ସଭାପତି ରିଙ୍କୁ ପ୍ରଧାନ, ସମ୍ପାଦକ ମିଥୁନ ମୁନି, ସଭ୍ୟ ଶ୍ରୀକାନ୍ତ, ପିଙ୍କୁ, ସାଗର କହିଛନ୍ତି ଆମର ପ୍ରତିବର୍ଷ ଦୀର୍ଘ ୫ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା। କିନ୍ତୁ ଏଥର ବର୍ଷା ବାଧା ଦେଇଛି । ତଥାପି ଆମର ଅନ୍ନପ୍ରସାଦ ବଣ୍ଟନ ଜାରି ରହିବ ।

### ସ୍ୱଚ୍ଛ ଛତ୍ରପୁର ସଚେତନତା ଅଭିଯାନ

**ଛତ୍ରପୁର,୨୧୯(ଡି.ଏନ.ଏ.):** ବୀମା ସପ୍ତାହର ପ୍ରଥମ ଦିବସରେ ରବିବାର ଏଲଆଇସି ଅଭିକର୍ତ୍ତା ସଂଗଠନ ଓ କ୍ୟୁୟର୍ସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଛତ୍ରପୁର ଆମର ସ୍ୱଚ୍ଛ, ସୁସ୍ଥ, ସବୁଜ ଓ ସୁନ୍ଦର ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଏଲଆଇସି କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ପଦଯାତ୍ରା ବାହାରିବା ସହ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଲଆଇସି ଅଭିକର୍ତ୍ତା ସଂଗଠନର ସମ୍ପାଦକ ମନ୍ମଥ କୁମାର ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଜନସାଧାରଣଙ୍କ ସହଯୋଗରେ ଛତ୍ରପୁର ଏକ ଆଦର୍ଶ ସହର ହୋଇପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ଏଲଆଇସିର ବରିଷ୍ଠ ଶାଖା ପରିଚାଳକ ଏନ୍ ପ୍ରବିଣ କୁମାର ଅଭିକର୍ତ୍ତାମାନଙ୍କ ଏପରି ଉଦ୍ୟମକୁ ସାଧୁବାଦ ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଅରୁଣ କୁମାର ଶତପଥି ଓ ଶିକ୍ଷାବିତ୍ ଶ୍ରୀକାନ୍ତ ମିଶ୍ର ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଏକାଠି କାର୍ଯ୍ୟକରିବା ପାଇଁ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସଂଗଠନର ସଭାପତି ଗୋପାଳ କ୍ରିଷ୍ଣା ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଦସ୍ୟ ଦୟାନିଧି ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସଚେତନତା ପ୍ରଚାର ପତ୍ରକୁ ଉନ୍ମୋଚନ କରିଯିବା ସହ ସ୍ଥାନୀୟ କସ୍ତୁରବା ବାଳିକା ବିଦ୍ୟାଳୟ ପରିସରରେ ଟାରାରୋପଣ କରାଯାଇଥିଲା।



ପୁରୁଷୋତ୍ତମପୁର



ବାଲିଗୁଡ଼ା



ଶଙ୍କରାଖୋଲ



ପାଟପୁର



ଦିଗପହଣ୍ଡି



କୋଟଗଡ଼



ଦାରିଙ୍ଗବାଡ଼ି



ଫୁଲବାଣୀ



ସୋରଡ଼ା

# ସର୍ବତ୍ର ପୂଜା ପାଇଲେ ଗଜାନନ

**ଫୁଲବାଣୀ ଅଫିସ, ୨୧୯**

ଫୁଲବାଣୀ ସହରର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଆରମ୍ଭ ହୋଇଛି। ପେଣ୍ଡିସାହି, ଶଗଡ଼ିଆ ସାହି, ଅମଲାପଡ଼ା, କେନ୍ଦୁପଦର, ମାଦିକୁନ୍ଦା, ଏଫସିଆଇ ଛକ, ସାଙ୍ଗସାଥୀ କ୍ଲବ, ଡିଆରଡ଼ିଏ ଛକ, ଜିରିଙ୍ଗିପଡ଼ା ଆଦି ସ୍ଥାନରେ ସୁସଜ୍ଜିତ ମଣ୍ଡପରେ ଗଜାନନଙ୍କ ମୂର୍ତ୍ତି ପୂଜା ପାଉଛନ୍ତି।

**ଦାରିଙ୍ଗବାଡ଼ି:** ଦାରିଙ୍ଗବାଡିର ବିଭିନ୍ନ ସ୍ଥାନରେ ଗଜାନନଙ୍କ ପୂଜା ହୋଇଛି। ଦାରିଙ୍ଗବାଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଶିବ ସେଠୀଙ୍କ ନେତୃତ୍ୱରେ ବବିତାରାଣୀ ସେଠୀ, ମଧୁସ୍ମିତା ଦାସ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଣେଶଙ୍କ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା ।

**ବାଲିଗୁଡା:** ବାଲିଗୁଡ଼ା ଟାଉନର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିକ୍ଷା ନିକେତନ, ଆଦିବାସୀ କଲେଜ ଏବଂ ସିପାଝିରିର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଗଜାନନଙ୍କ ପ୍ରତିମା ସାଜସଜ୍ଜା, ତୋରଣ ଆକର୍ଷଣୀୟ ହୋଇଥିଲା ।

**କୋଟଗଡ:** କୋଟଗଡ଼ରେ ବଜାର, କୁମ୍ଭାରସାହି, ହାଇସ୍କୁଲ ଓ ଟାଉନ ଆଖପାଖରେ ଗଜାନନଙ୍କ ପୂଜା ଧୁମ୍‌ଧାମ୍‌ରେ କରାଯାଇଛି। ଛାତ୍ରୀଛାତ୍ର ଭକ୍ତି ସହକାରେ ପୂଜାର୍ଚ୍ଚନା କରିଥିଲେ ।

**ଶଙ୍କରାଖୋଲ:** ଚକାପାଦ ଓ ଟିକାବାଲି ବ୍ଲକ ଅଧୀନରେ ଥିବା ସମସ୍ତ ପୁରପଲ୍ଲୀଠାରୁ ଆରମ୍ଭ କରି ବିଭିନ୍ନ କ୍ଲବ, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଚକାପାଦ, ବ୍ରାହ୍ମଣପାଦ, ଲାଇନଗଡା, ଶଙ୍କରାଖୋଲ, ଅଡାବାଡି, ଟପଡିଙ୍ଗିଆ, ଆରାବାକାଠାରେ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ହୋଇଛି।

**କ.ନୂଆଗାଁ:** କ.ନୂଆଗାଁ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ, କୁଡୁତୁଲି ଓଡିଶା ଆଦର୍ଶ ବିଦ୍ୟାଳୟ, ଚଣପାଦରଠାରେ ମଧ୍ୟ ଏହି ପୂଜା ହୋଇଥିଲା ।

**ରାଇକିଆ:** ରାଇକିଆର ବିଭିନ୍ନ ସ୍ଥାନରେ ଗଣେଶ ପୂଜା କରାଯାଇଛି। ବେରେଡ଼ାକିଆ ଗଣେଶ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ ଓ ଆଲୋକ ସଜ୍ଜା ଯାଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗାଲାକ୍ସି କମ୍ପ୍ୟୁଟର, ସରସ୍ୱତି ଶିଶୁ ମନ୍ଦିର, ଜୀବନ ଜ୍ୟୋତି କଲେଜ, ଏକ୍ସଲେଣ୍ଟ କୋଚିଂ ସେଣ୍ଟର, ମଣ୍ଡାକିଆ ଯୁବକ ସଂଘ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପୂଜା ହୋଇଯାଇଛି।

**ଭଞ୍ଜନଗର:** ଭଞ୍ଜନଗର ଆରସିରୋଡ଼, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସାଇ ଗୁରୁକୁଳ, କବିସମ୍ରାଟ ଉପେନ୍ଦ୍ରଭଞ୍ଜ କଲେଜ, ସାବିତ୍ରୀ ମହିଳା କଲେଜ ଆଦି ସ୍ଥାନରେ ଗଣେଶ ପୂଜା ପାଳିତ ହୋଇଯାଇଛି। ମେଢ଼ ନିକଟରେ ଭିଡ଼ ଦେଖି ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ହନୁମାନ ବଜାର, ସୁନାରିତୋଟା ସାହି, କଲେଜ ଛକ, କୁମାରୀ, ନନ୍ଦିକ ସାହି, ବଜାର ସାହି ଆଦି ସ୍ଥାନରେ ଗଣେଶ ମେଢ ନିର୍ମାଣ କରାଯାଇ ଆଲୋକରେ ସଜ୍ଜିତ କରାଯାଇଛି । ଏଥିସହ ସମସ୍ତ ଶିକ୍ଷାନୁଷ୍ଠାନରେ ମଧ୍ୟ ପୂଜା କରାଯାଇଛି।

**ଶେରଗଡ଼:** ଶେରଗଡ଼ ବଡ଼ଦାଣ୍ଡ ସାହି, ତୋଟାସାହି, କେଉଟସାହି, ଧୋବାସାହିରେ ଗଣେଶ ପୂଜା କରାଯାଇଛି। ରାମଗିରି ଗ୍ରାମରେ ୧୦ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି ହୋଇଥିଲା। ଡାକରଡା, ପଞ୍ଚୁଆଣି, ଟିକିଲରେ ଗଣେଶ ପୂଜା ହୋଇଛି।

**ଜଗନ୍ନାଥପ୍ରସାଦ:** ଜଗନ୍ନାଥପ୍ରସାଦ ବ୍ଲକରେ ଶତାଧିକ ଜାଗାରେ ଗଜାନନଙ୍କ ପୂଜା ପାଳିତ ହୋଇଛି। ବ୍ଲକ ହେଡ଼କ୍ୱାଟର ବଜାର ମୁଖ୍ୟ ମା' କରଞ୍ଜେଇ ବଣିକ ସଂଘ, ଲକ୍ଷ୍ମୀବଜାର, କଇଠପଲ୍ଲୀ, ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନରେ ଗଣେଶଙ୍କୁ ପୂଜା କରାଯାଇଛି।

**ଦିଗପହଣ୍ଡି:** ଦିଗପହଣ୍ଡି ସହର ସମେତ ଗ୍ରାମାଞ୍ଚଳ ଗୁଡ଼ିକରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବଜାର ସାହି ଗାନ୍ଧୀ ଛକରେ ଗଣେଶଙ୍କ ୫ ଦିନବ୍ୟାପୀ ପୂଜା ମହୋତ୍ସବ ଶୁଭାରମ୍ଭ ହୋଇଛି। ଅଞ୍ଚଳ କଲୋନୀ ଗଣେଶ ପୂଜା କମିଟିର ୧୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆସିକା ରୋଡ଼ରେ ଆୟୋଜିତ ପୂଜା ମଣ୍ଡପରେ ଗଣେଶଙ୍କ ୧୨ଫୁଟ ଉଚ୍ଚତାର ମୂର୍ତ୍ତି ପୂଜା ପାଉଛି।

**ଆସିକା:** ଆସିକା ସହର ତଥା ଗ୍ରାମାଞ୍ଚଳରେ ଗଣେଶ ପୂଜା ପାଳିତ ହୋଇଥିଲା। ଖମ୍ବେଶ୍ୱରୀ ପାଟଣା ଗଣେଶ ଘାଟ, କୃଷ୍ଣସିଂହ ପାଠାଗାର, ବିନାୟକ ବଜାର ସାଙ୍ଗକୁ ବାଣୀବିହାର, ତାଲୁକାରୋଡ, ଗୋଲାସାହି ଆଦି ଅଞ୍ଚଳରେ ଏହି ଉତ୍ସବ ହୋଇଥିଲା ।

**ସୋରଡ଼ା:** ଶଶିଭୂଷଣ ଉଚ୍ଚ ବିଦ୍ୟାଳୟ, ଶିଶୁ ମନ୍ଦିର, ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ, କେଉଟ ସାହି, ଜେନା ସାହି, ବରାଡ଼ି ବ୍ଲକ ଲାଇନ, ବଡ଼ଗଡ଼, ଗାଜଲବାଡ଼ି ଆଦି ସ୍ଥାନରେ ମେଢ଼ ସହ ଗଣେଶ ପୂଜା ଅନୁଷ୍ଠିତ ହୋଇଛି ।

**ବୁଗୁଡ଼ା:** ବୁଗୁଡ଼ା ଏନ୍ଏସିର ନିୟୁଏରା ପବ୍ଲିକ ସ୍କୁଲ, ଶୋଭନୀୟ ପବ୍ଲିକ ସ୍କୁଲ, ପିପୁଲ୍ସ କଲେଜ, ବଳଦେବ ମହିଳା ମହାବିଦ୍ୟାଳୟ, ନୂଆସାହି, ବଡ଼ଦାଣ୍ଡ ସାହି, ଶକ୍ତିନଗର ଆଦି ସାହିରେ ଗଣେଶ ପୂଜା ହୋଇଥିଲା ।

**ପାଟପୁର:** ସାନଖେମୁଣ୍ଡି ବ୍ଲକ୍ ପାଟପୁର ଅଞ୍ଚଳରେ ବିଭିନ୍ନ ପୂଜା ମଣ୍ଡପରେ ଭକ୍ତମାନେ ଭିଡ ଜମାଇଥିଲେ। ମହାନଳା ବଡ ସାହି ପୂଜା କମିଟି ପକ୍ଷରୁ ହୋଇଥିବା ମୂର୍ତ୍ତି, ତୋରଣ ଓ ଆଲୋକ ସଜ୍ଜା ଦର୍ଶକଙ୍କ ମନ ମୋହିଥିଲା ।

## ପଞ୍ଚମା ପୀଠ
# ସିଦ୍ଧ ବିନାୟକଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ



ପ୍ରସିଦ୍ଧ ପଞ୍ଚମା ଗଣେଶ ପୀଠରେ ପୂଜାର୍ଚ୍ଚନା।

**କନିଷି,୨୧୯(ଡି.ଏନ.ଏ.)**

ଗୋଳନ୍ଥରା ବ୍ଲକ କନିଷି ନିକଟସ୍ଥ ପଞ୍ଚମା ସିଦ୍ଧ ବିନାୟକ ପୀଠକୁ ସୋମବାର ଗଣେଶ ଚତୁର୍ଥୀ ଅବସରରେ ଲକ୍ଷାଧିକ ଭକ୍ତ ଆସିଥିଲେ। ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଥୀରେ ଅଗ୍ରପୂଜ୍ୟ ଗଜାନନଙ୍କୁ ଦର୍ଶନ କଲେ ମାନସିକ ପୂରଣ ହୁଏ ବୋଲି କିମ୍ବଦନ୍ତୀ ରହିଛି। ତେଣୁ ଗଞ୍ଜାମ ଜିଲା ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍, ଗଜପତି ଜିଲାରୁ ବହୁ ଶ୍ରଦ୍ଧାଳୁ ଆସି ବିନାୟକଙ୍କ ଦର୍ଶନ କରିଥିଲେ। ରବିବାର ରାତିରୁ ପଞ୍ଚମା ପୀଠରେ ଭକ୍ତଙ୍କ ଧାଡ଼ି ଲାଗିଥିଲା। ପୀଠଠାରୁ ପ୍ରାୟ ୨ କିମି ଦୂର ରଣ୍ଡା ଛକ ପର୍ଯ୍ୟନ୍ତ ଗହଳି ହୋଇଥିବାରୁ ଯାନବାହାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଏଥିପାଇଁ ଟ୍ରାଫିକ୍ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା । ଭୋର ପ୍ରାୟ ୩ଟାରୁ ଦର୍ଶନ ଦର୍ଶନ ଆରମ୍ଭ ହୋଇ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲିଥିଲା। ବିନାୟକଙ୍କ ସ୍ୱତନ୍ତ୍ର ପୂଜା ହୋଇଥିଲା।

ବହୁ ବର୍ଷ ଧରି ଶ୍ରୀଗଣେଶଙ୍କ ଦର୍ଶନ ନିମନ୍ତେ ଟିକେଟ ବ୍ୟବସ୍ଥା ସହ ଭୋଗ ସାମଗ୍ରୀ ବିକ୍ରି କରାଯାଉଥିଲା। ଦେବୋତ୍ତର ବିଭାଗର କମିଶନର ମନ୍ଦିର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇ ବ୍ରହ୍ମପୁର ଉପଜିଲାପାଳ, କନିଷି ଭାରପ୍ରାପ୍ତ ତହସିଲଦାର ଓ ବ୍ରହ୍ମପୁର ସଦର ଥାନା ଏସଡିପିଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ସୋମବାର ମାଜିଷ୍ଟ୍ରେଟ ଦାୟିତ୍ୱରେ କନିଷି ଭାରପ୍ରାପ୍ତ ତହସିଲଦାର ଅନିତା ସାହୁ ଏବଂ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ ଦର୍ଶକଙ୍କ ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ତଦାରଖ କରିଥିବା ଦେଖାଯାଇଥିଲା।

# ଜୁଆର ମାଡ଼ରେ ଭୁଶୁଡ଼ିଲା ଶୌଚାଳୟ

**ଗୋପାଳପୁର,୨୧୯**

ଗୋପାଳପୁର ବେଳାଭୂମିକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ଗତ ୩ ମାସ ହେଲା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବେଳାଭୂମିରେ ନିର୍ମାଣ ଚାଲିଥିବା ଏକ ଶୌଚାଳୟ ଜୁଆର ମାଡ଼ରେ ଭୁଶୁଡ଼ି ପଡ଼ିଛି। ୭୬ ଲକ୍ଷ ଟଙ୍କାରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ କିଛିଦିନ ହେଲା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କଳିଙ୍ଗ ହୋଟେଲ ନିକଟରେ ନିର୍ମିତ ହୋଇଥିବା ଉକ୍ତ ଶୌଚାଳୟର ଗୋଟିଏ ପାର୍ଶ୍ୱ ଭୁଶୁଡ଼ି ପଡ଼ିଥିଲା। ଶୌଚାଳୟ ନ ଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ବର୍ତ୍ତମାନ ୧୦ ଲକ୍ଷ ଟଙ୍କାର କାର୍ଯ୍ୟ ହୋଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଜୁଆର ମାଡ଼ରେ ସ୍ଥାନୀୟ ହୋଟେଲ ଗୁଡ଼ିକର ପଥର ଗୁଡ଼ିକ କ୍ଷତିଗ୍ରସ୍ତ ହେବାରେ ଲାଗିଛି । ଏ ସମ୍ପର୍କରେ ବିଡିଏ ସଚିବ ସମ୍ବିତ ରାଉତଙ୍କୁ ପଚାରିବାରୁ ଜୁଆର ମାଡ଼ରେ କ୍ଷତି ହୋଇଛି। ଗତ ତିନିମାସ ଧରି ଉକ୍ତ କାର୍ଯ୍ୟ ଚାଲୁଥିଲା। ଶୀଘ୍ର ଉକ୍ତ ଶୌଚାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।



ଛତ୍ରପୁର ଡିଆରଡିଏ ଛକ ନିକଟ ଜାତୀୟ ରାଜପଥରେ ଗୋରୁଙ୍କ ପାଇଁ ଟ୍ରାଫିକ ସମସ୍ୟା ଉପୁଜିଛି। (ଫଟୋ: ଦିଲୀପ ସାମଲ)

# ସମସ୍ୟା ଘେରରେ ଛେଳିଗଡ଼ ଉଚ୍ଚ ବିଦ୍ୟାଳୟ

**ଆର.ଉଦୟଗିରି,୨୧୯(ଡି.ଏନ୍.ଏ.)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଛେଳିଗଡ଼ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଶିକ୍ଷକ ଅଭାବ ଥିବା ବେଳେ ଆବଶ୍ୟକ ଗୃହ ନାହିଁ। ରୋଷେଇ ଘର ନ ଥିବାରୁ ଖୋଲା ଆକାଶ ତଳେ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଏସବୁ ସମସ୍ୟା ସହ ହଷ୍ଟେଲ ଛାତ୍ରୀଙ୍କ ଅଭାବ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭିନ୍ନ ବୈଠକରେ ଅବଗତ କରିଥିଲେ ମଧ୍ୟ ସୁଫଳ ମିଳିନି।

୧୯୬୯ରେ ସ୍ଥାପିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୨୬୮ ଏବଂ ନବମ ଓ ଦଶମ ଶ୍ରେଣୀରେ ୨୮୮ ଏପରି ମୋଟ ୫୫୬ ଛାତ୍ରୀଛାତ୍ରୀ ପାଠ ପଢୁଛନ୍ତି। ସେମାନଙ୍କୁ ପଢ଼ାଇବା ନିମନ୍ତେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସମେତ ୧୩ ଶିକ୍ଷକ ଅଛନ୍ତି। ତେବେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁପାତରେ ଶିକ୍ଷକ ନ ଥିବା ଯୋଗୁ ପାଠ ପଢ଼ାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ଶ୍ରେଣୀଗୃହ ଅଭାବ ମଧ୍ୟ ରହିଛି। ବିଦ୍ୟାଳୟ ଚାରିପଟେ ପାଚେରି ନ ଥିବା ଯୋଗୁ ଅବାଧରେ ଯେ କେହି ବି ପ୍ରବେଶ କରୁଛନ୍ତି। ଏପରିକି ଗୋରୁ ପଶି ଅପରିଷ୍କାର କରୁଛନ୍ତି। ବିଦ୍ୟାଳୟ ହଷ୍ଟେଲରେ ୧୭୦ ଛାତ୍ରୀ ରହୁଛନ୍ତି। ମଧ୍ୟାହ୍ନଭୋଜନ ଓ ଛାତ୍ରୀଙ୍କ ପାଇଁ ରୋଷେଇ ଗୃହ ସୁବିଧା ନାହିଁ। ଦୀର୍ଘବର୍ଷ ଧରି ପ୍ରଧାନଶିକ୍ଷକ ପଦବୀ ଖାଲିପଡ଼ିଛି। ପୂର୍ବରୁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ସୀମାଞ୍ଚଳ ପତି ଅବସର ନେବା ଦୀର୍ଘମାସ ବିତିଛି। ହେଲେ ଏ ଯାଏ କାଗଜପତ୍ର ହସ୍ତାନ୍ତର ହୋଇ ନ ଥିବା ଯୋଗୁ କାର୍ଯ୍ୟ କରିବାକୁ ଅସୁବିଧା ହେଉଛି ବୋଲି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳୀ ବଡରଇତ କହିଥିଲେ। ବିଦ୍ୟାଳୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୧୦ ବର୍ଷ ତଳେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଆରମ୍ଭ ହୋଇଥିଲା। ତାହା ଏ ପର୍ଯ୍ୟନ୍ତ ସମ୍ପୂର୍ଣ ହୋଇପାରିନି। ଏହି ସମସ୍ତ ସମସ୍ୟା ପ୍ରତି ମାସର ଜିଲାସ୍ତରୀୟ ବୈଠକରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପସ୍ଥାପନ କରୁଥିଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ନିଆଯାଉନି। ତେଣୁ ସେ ବାଧହୋଇ କିଛିଦିନ ତଳେ ବ୍ଲକ ସମୀକ୍ଷା ବୈଠକରେ ଯୋଗ ଦେଇଥିବା ଏମପି, ବିଧାୟକ ଓ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଠାରେ ଥିବା ସମସ୍ୟାଗୁଡ଼ିକ ପ୍ରତି ଜିଲା ପ୍ରଶାସନ ଏବଂ ଶିକ୍ଷା ବିଭାଗ ଧ୍ୟାନ ଦେଇ ପ୍ରତିକାର କରିବାକୁ ଦାବି ହେଉଛି ।




ଛେଳିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ସେପ୍ଟେମ୍ବର ୩/୨୦୧୯ Berhampur, Tuesday, September 3/2019

## ସଂକ୍ଷେପରେ

### ନଦୀରେ ଭାସି ଯାଇଥିବା ଯୁବକଙ୍କ ପତ୍ତା ମିଳୁନି

ଫୁଲବାଣୀ ଅଫିସ, ୨।୯- ଭୋଜି କରିବାକୁ ଯାଇ ରବିବାର ନଦୀରେ ଭାସିଯାଇଥିବା ଟାଉନଥାନା ଅନ୍ତର୍ଗତ ରୁଗୁଡି ସାହିର ଅମିତ ସାହୁ (୨୨)ଙ୍କ ପତ୍ତା ସୋମବାର ରାତି ପର୍ଯ୍ୟନ୍ତ ମିଳିନାହିଁ । ମଙ୍ଗଳଲବାର ସକାଳୁ ପୁଣି ଖୋଜା ଆରମ୍ଭ ହେବ । ଅନ୍ୟପଟେ ପୋଲିସ ଟ୍ରାକିଂ କରି ନଦୀ ପାର୍ଶ୍ୱର ଏକ ସ୍ଥାନରୁ ଅମିତଙ୍କ ମୋବାଇଲ ଫୋନକୁ ଜବତ କରିଛି। ନଦୀ ସ୍ରୋତରେ ଅଧିକ ଦୂରକୁ କିମ୍ବା ବଡ ପଥର ତଳେ ସେ ରହି ଯାଇଥିବା ଅନୁମାନ କରାଯାଉଛି। ପ୍ରକାଶ ଯେ, ରବିବାର ସହରର ୧୨ ଯୁବକଙ୍କ ସହ ମିଶି ଅମିତ୍ ଭୋଜି କରିବାକୁ ସଦର ଥାନା ଅନ୍ତର୍ଗତ ରାଣୀଖଣ୍ଡିକୁ ଯାଇଥିଲେ । ସେଠାରେ ରୋଷେଇ ସରିବା ପରେ ଅପରାହ୍ନ ପ୍ରାୟ ୪ଟାରେ ଯୁବକମାନେ ନଦୀକୁ ଗାଧୋଇବାକୁ ଯାଇଥିଲେ । ଅମିତ ଗାଧୋଉ ଥିବା ବେଳେ ତାଙ୍କ ଗୋଡ ଖସି ଯାଇଥିଲା । ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ନଦୀରେ ଅଧିକ ସ୍ରୋତ ଥିବାରୁ ଅମିତ ଭାସି ଯାଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ସେଠାରେ ରାତି ୮ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନ ଥିଲା । ସୋମବାର ସକାଳୁ ପୁଣି ଦମକଳ ବାହିନୀ ରାଣିଖଣ୍ଡିଠାରୁ ପୁତୁଡି ପ୍ରାୟ ୧୫ କିମି ପର୍ଯ୍ୟନ୍ତ ନଦୀରେ ଖୋଜା ଖୋଜି କରିଥିଲେ । ହେଲେ ଅମିତଙ୍କୁ ଠାବ କରାଯାଇ ପାରିନାହିଁ ।

### ମଧୁ ବୈଶ୍ୟ ସମାଜର ସାଧାରଣ ବୈଠକ

ପାରଳାଖେମୁଣ୍ଡି,୨।୯(ସ୍ୱ.ପ୍ର.)-ଗଜପତି ଜିଲା ମୋହନା ବ୍ଲକ୍ ଅନ୍ତର୍ଗତ ଚାନ୍ଦିପୁଟସ୍ଥିତ ଶିବମନ୍ଦିର ପରିସରରେ ମଧୁ ବୈଶ୍ୟ ସମାଜର ୪ର୍ଥ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବଡ଼ଖେମୁଣ୍ଡି ତାଲୁକା ମାଳମୁଠା ଅଞ୍ଚଳର ମଧୁ ବୈଶ୍ୟ ସମାଜର ବୟୋଜ୍ୟେଷ୍ଠ ତଥା ମାର୍ଗଦର୍ଶକ କୋରା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡ଼ଖେମୁଣ୍ଡି ତାଲୁକା ଉପସଭାପତି ଗଣେଶ ସାହୁ, ଚନ୍ଦ୍ରଗିରି ଅଞ୍ଚଳର ସଭ୍ୟ ତ୍ରିନାଥ ସାହୁ, ଗଞ୍ଜାମ ଜିଲା ମଧୁ ବୈଶ୍ୟ ସମାଜର ସହ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ଏବଂ ମାଳମୁଠା ଅଞ୍ଚଳର ସମସ୍ତ ପରିବାର ଯୋଗଦେଇ ଗଣେଶ ପୂଜା ପାଳନ କରିଥିଲେ । କାର୍ଯ୍ୟକ୍ରମରେ ଚାନ୍ଦିପୁଟ ମଧୁ ବୈଶ୍ୟ ସମାଜର ଯୁବକମାନେ ସହଯୋଗ କରିଥିବାବେଳେ ଚନ୍ଦ୍ରଗିରିର ଲକ୍ଷ୍ମୀ ସାହୁ ଏବଂ ସୁରେନ୍ଦ୍ର ସାହୁ ଆୟବ୍ୟୟ ବିବରଣୀ ପାଠକରିଥିଲେ । ଏଥିରେ ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ନିମନ୍ତେ ସମସ୍ତ ମା' ଓ ଭଉଣୀମାନେ ନିଜସ୍ୱ ଅନୁଦାନ ପ୍ରଦାନ କରିବା ସହ ମଣ୍ଡପ ନିର୍ମାଣ ପାଇଁ ଆବଶ୍ୟକୀ ସାମଗ୍ରୀ ଯୋଗାଇଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ମହେନ୍ଦ୍ରଗଡ଼ର ବୁଡୁ ଇଣ୍ଟର୍‌ନ୍ୟାସନାଲ୍‌ର ମାଲିକ ଶିବ ଶଙ୍କର ସାହୁ ଖୁବ କମ୍ ଦିନ ମଧରେ ଏହି ମଣ୍ଡପର ଛାତ କାମ ସଂପୂର୍ଣ୍ଣ କରିବାପାଇଁ ମତବ୍ୟକ୍ତ କରିଥିଲେ । ଯୁବକ ସଂଘର ସଭାପତି ସନାତନ ସାହୁ ସମାଜର ଉନ୍ନତି ନେଇ ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଥିଲେ । ଶେଷରେ ହିନ୍ଦୀ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

■ ଅକ୍ଟୋବର ୨ରୁ ମୋ ସରକାର

# ଲୋକଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କର: ଡିଆଇଜି

ଛତ୍ରପୁର,୨।୯(ଡି.ଏନ୍.ଏ.)

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ 'ମୋ ସରକାର' କାର୍ଯ୍ୟକାରୀ ହେବା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଏହାର ଲକ୍ଷ୍ୟ । ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ 'ମୋ ସରକାର' କାର୍ଯ୍ୟକ୍ରମ ଘୋଷଣା କରିଥିଲେ। ସୋମବାର ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ ସମ୍ମିଳନୀ ଗୃହରେ ଏହାର ପ୍ରସ୍ତୁତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ମୋ ସରକାର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀମାନଙ୍କୁ ସୂଚନା ଦେବା ସହ ଏହାର ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ଥାନାରେ କର୍ମଚାରୀଙ୍କ ଆଚରଣ କିଭଳି ବୃତ୍ତିଗତ ଓ ବନ୍ଧୁତ୍ୱପୂର୍ଣ୍ଣ ହେବ ତାହା ଉପରେ ଧ୍ୟାନ ଦେବାକୁ ଡିଆଇଜି କହିଥିଲେ । ଏଥିସହ ଥାନାକୁ ଆସୁଥିବା ଲୋକଙ୍କ କାର୍ଯ୍ୟ ସହଜରେ କିପରି ହୋଇପାରିବ ସେ ନେଇ ଏବେଠୁ ପ୍ରସ୍ତୁତ ରହିବାକୁ ବୈଠକରେ କୁହାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଫୋନ୍ କରି ଥାନାକୁ ଯାଇଥିବା ଜନସାଧାରଣଙ୍କ ଠାରୁ ପ୍ରତିକ୍ରିୟା ନେବେ । ତେଣୁ ଏହା ଉପରେ ଯଥେଷ୍ଟ ଧ୍ୟାନ ଦେବାକୁ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ କହିଥିଲେ । ଏକ କଲ୍ ସେଣ୍ଟର ରହିବ ଏବଂ ଥାନାରେ ଅଭିଯୋଗ ଦେଇଥିବା ବ୍ୟକ୍ତିଙ୍କ ମୋବାଇଲ ନମ୍ବର ରହିବ । ଥାନାକୁ ଆସୁଥିବା ଲୋକଙ୍କୁ ଆଇଆଇସି ତାଙ୍କ ମୋବାଇଲ ନମ୍ବର ଦେବାକୁ ହେବ ବୋଲି କୁହାଯାଇଥିଲା । ଏହି ଅବସରରେ ସାଧନ କର୍ମୀଙ୍କ ପକ୍ଷରୁ ମୋ ସରକାର କାର୍ଯ୍ୟକ୍ରମ ଉପରେ ତାଲିମ ପ୍ରଦାନ କରାଯାଇଥିଲା । ବୈଠକରେ ଅତିରିକ୍ତ ଏସପି ପତିତପାବନ ଚୌଧୁରୀ, ଡିଏସପି ଏସ୍. ପ୍ରଧାନ ଓ ପି. କେ ଦଳାଇ, ଛତ୍ରପୁର ଏସଡିପିଓ ଉତ୍କଳ କେଶରୀ ଦାଶଙ୍କ ସମେତ ଜିଲାର ସମସ୍ତ ଥାନା ଆଇଆଇସିମାନେ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଡିଆଇଜି, ଏସ୍‌ପି ଓ ଅନ୍ୟମାନେ ।

## ବିଦ୍ୟୁତ୍ ଆଘାତରେ ଜଣେ ଗୁରୁତର

ଖଲ୍ଲିକୋଟ,୨।୯(ଡି.ଏନ.ଏ.)

ଖଲ୍ଲିକୋଟ ବିଦ୍ୟୁତ୍ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଜଣେ କର୍ମଚାରୀ ସୋମବାର ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ବ୍ଲକ ଶ୍ୟାମସୁନ୍ଦରପୁର ଗାଁର ସନ୍ତୋଷ ଡ଼ାକୁଆ(୩୫)। ସନ୍ତୋଷ ଅପରାହ୍ନରେ ଦାନପୁର ଗ୍ରାମ ନିକଟ ଏକ ଟ୍ରାନ୍ସଫର୍ମରରେ ଚଢ଼ି କାମ କରୁଥିବା ବେଳେ ଅବସାବଧାନତା କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛି। ଖଲ୍ଲିକୋଟ ଏସ୍‌ଡିଓ କିଶୋର ପ୍ରଧାନ ସନ୍ତୋଷଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ।

## ବଧୂହତ୍ୟା ଅଭିଯୋଗ

ଛତ୍ରପୁର,୨।୯(ଡି.ଏନ.ଏ.)

ଛତ୍ରପୁର ଥାନା ପୁରୁଣାପାଟଣା ଗାଁରେ ଜଣେ ବଧୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ସେ ହେଲେ ପୁରୁଣାପାଟଣା ଗାଁର ବର୍ଷା ରାଉଳ । ବର୍ଷାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଉଥିଲା। ସୋମବାର ସ୍ୱାମୀ ତାଙ୍କ ପରିବାର ଲୋକେ କିରୋସିନ ଢାଳି ନିଆଁ ଲଗାଇ ମାରି ଦେଇଥିବା ବର୍ଷାଙ୍କ ଭାଇ ତଥା ହିଞ୍ଜିଳିର ଗୁନା ରାଉଳ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୨୧୦/୧୯) ରୁଜୁକରି ତଦନ୍ତ ଚଳାଇଥିବା ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବର୍ଷାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଛତ୍ରପୁର ହସ୍ପିଟାଲ ଓ ପରେ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଅଧିକ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ବର୍ଷାଙ୍କ ମୃତ୍ୟୁ ଘଟିଥିଲା। କଟକରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ପାଣ ସମାଜ ଉନ୍ନୟନ ସମିତି ବୈଠକ

ବୁଗୁଡ଼ା,୨।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଉଦୟପୁର କପିଳେଶ୍ୱର ଶିବ ମନ୍ଦିରରେ ଘୁମୁସର ଅଞ୍ଚଳ ପାଣ ସମାଜ ଉନ୍ନୟନ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଘୁମୁସର ଅଞ୍ଚଳ ଉନ୍ନୟନ ସମିତିର ସୁଦର୍ଶନ ନାଇକ, ସୀମାନାଥ ନାଇକ, ଅବନୀ ନାଇକ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସମିତିର ଉନ୍ନୟନମୂଳକ କାର୍ଯ୍ୟ, ସଙ୍ଗଠନକୁ ଦୃଢ଼ କରିବା, ଶିକ୍ଷିତ ଓ ଯୁବଗୋଷ୍ଠୀମାନଙ୍କୁ ପ୍ରାଧାନ୍ୟ ଦେବା ଆଦି ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଅଧିକାଂଶ ଶିକ୍ଷିତ ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀ ଯୋଗ ଦେଇନଥିବାରୁ ବୈଠକରେ ଦୁଃଖ ପ୍ରକାଶ ପାଇଥିଲା। ଯେତେଦିନ ପର୍ଯ୍ୟନ୍ତ ଶିକ୍ଷିତ ଯୁବଗୋଷ୍ଠୀ ସମାଜର କାର୍ଯ୍ୟରେ ସହଯୋଗ ନ କରିବେ ସେ ପର୍ଯ୍ୟନ୍ତ ସମାଜର ଉନ୍ନତି ହୋଇପାରିବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ତେଣୁ ଆସନ୍ତା ବୈଠକରେ ଶିକ୍ଷିତ ଜ୍ଞାନୀ, ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀମାନେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା । ବୈଠକକୁ ପବିତ୍ର କୁମାର ନାଇକ ପରିଚାଳନା କରିଥିବା ବେଳେ ସୁଶାନ୍ତ କୁମାର ନାଇକ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକ ନିଖୋଜ ଅଭିଯୋଗ

ବୁଗୁଡ଼ା,୨।୯(ଡି.ଏନ.ଏ.)

ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ଯୁବକ ନିଖୋଜ ହୋଇଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ସ୍ଥାନୀୟ ମୁଖ୍ୟ ସଡ଼କ ଷ୍ଟେଟ୍‌ବ୍ୟାଙ୍କ ସମ୍ମୁଖରେ ରହୁଥିବା ସନ୍ତୋଷ କୁମାର ରାଉତ (୨୨)। ସନ୍ତୋଷ ରବିବାର ସକାଳ ୬ଟାରୁ କେଉଁଆଡ଼େ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ସନ୍ତୋଷଙ୍କ ମା' ସନ୍ଧ୍ୟାରେ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଏତଲା କ୍ରମେ ପୋଲିସ ନଂ.୨୫/୧୯ରେ ନିଖୋଜ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଛି।

## ଗଞ୍ଜାମ ବ୍ଲକ ଭାଜପା କର୍ମୀ ସମ୍ମିଳନୀ


ଉପସ୍ଥିତ ଭାଜପା ନେତା ଓ କର୍ମୀ ।

ଗଞ୍ଜାମ,୨।୯(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତରେ ବ୍ଲକ ଭାଜପା ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ଧର୍ମରାଜ ସ୍ୱାଇଁ ଅଧକ୍ଷତା କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଦଳର କର୍ମୀ ଏକ ହୋଇ ଦଳୀୟ ସଂଗଠନ ବୃଦ୍ଧି କରିବା ଲାଗି ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ପଞ୍ଚାୟତଗୁଡ଼ିକର ଗ୍ରାମ ରୋଜଗାର ସେବକ (ଜିଆରଏସ) ମନମୁଖି କାର୍ଯ୍ୟ କରୁଥିବା କର୍ମୀ ଅଭିଯୋଗ କରିଥିଲେ। କଂସାରୀ ଗଣ୍ଡରେ ବ୍ରିଜ ନିର୍ମାଣ ପାଇଁ ଜିଲା ପ୍ରଶାସନଠାରେ ଭାଜପା ଦାବି କରିବ ବୋଲି ଆଲୋଚନା ହୋଇଥିଲା। ସମ୍ମିଳନୀରେ ଛତ୍ରପୁର ଅଞ୍ଚଳର ନେତା ପ୍ରଶାନ୍ତ କୁମାର କର, ମଣ୍ଡଳ ସଭାପତି ପଦ୍ମଚରଣ ସାହୁ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ବସନ୍ତ ବେହେରା, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ତ୍ରିପାଠୀ, ମଲାଡ଼ ସମିତିସଭ୍ୟ ରାଜୁ ଦାସ, ୱାର୍ଡସଭ୍ୟା ଗୀତାଞ୍ଜଳି ନାହାକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ମୃତକଙ୍କ ପରିବାରକୁ ସହାୟତା

ଗଞ୍ଜାମ,୨।୯(ଡି.ଏନ.ଏ.)

ଗଞ୍ଜାମ ବ୍ଲକ କରପଡ଼ା ଗ୍ରାମର ବିଶ୍ୱଜିତ ନାୟକ (୧୮)ଙ୍କ ଜାନୁଆରୀ ୬ରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ଶନିବାର ମୃତକଙ୍କ ବାପା ଓ ମା'ଙ୍କୁ ସହାୟତା ରାଶି ୪ ଲକ୍ଷ ଟଙ୍କାର ଚେକ୍ ତହସିଲଦାର ଅବନି କୁମାର ସାହୁ ପ୍ରଦାନ କରିଛନ୍ତି। ସେହିପରି ଶତ୍ରୁଶୋଲ ଗ୍ରାମର ଭିକା ସୁରା (୫୧)ଙ୍କ ମଧ ମାର୍ଚ୍ଚ ୧୯ରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ମୃତ ଭିକାଙ୍କ ସ୍ତ୍ରୀ ପ୍ରମିଳାଙ୍କୁ ମଧ ୪ ଲକ୍ଷ ଟଙ୍କା ଚେକ୍ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଚେକ୍ ପ୍ରଦାନ ବେଳେ ତହସିଲଦାର ସାହୁ, ରାଜସ୍ୱ ନିରୀକ୍ଷକ ନୀଳାଞ୍ଚଳ ବେହେରା, ଗଞ୍ଜାମ ଆର୍‌ଆଇ ଏନ. ରାଜୁ ଓ ସୁନୀଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନ୍‌ରେ ଯାତ୍ରୀ ଛାଡ଼ିଥିବା ବ୍ୟାଗ୍ ଦେଲା ଆର୍‌ପିଏଫ୍

ଛତ୍ରପୁର,୨।୯(ଡି.ଏନ.ଏ)

ଟ୍ରେନ୍‌ରେ ଜଣେ ଯାତ୍ରୀ ଛାଡି ଯାଇଥିବା ବ୍ୟାଗକୁ ଛତ୍ରପୁର ଆର୍‌ପିଏଫ୍ ଆଉଟପୋଷ୍ଟ ପକ୍ଷରୁ ତାଙ୍କୁ ହସ୍ତାନ୍ତର କରାଯାଇଛି । ସୋମବାର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା କାଞ୍ଚିଲି ଥାନା ଅଧିନ କୋକିଲିପୁଟୁଗ ଗାଁର କ୍ଷେତ୍ରବାସୀ ସାହୁ ତିରୁପତି-ଭୁବନେଶ୍ୱର ଏକ୍ସପ୍ରେସରୁ ସୋମପେଟା ଷ୍ଟେଶନରେ ଓହ୍ଲାଇଥିଲେ। ହେଲେ ସେ ଉକ୍ତ ଟ୍ରେନ୍‌ରେ ତାଙ୍କର ଟ୍ରଲି ବ୍ୟାଗ୍‌କୁ ଭୁଲରେ ଛାଡି ଦେଇଥିଲେ । ଏ ନେଇ କ୍ଷେତ୍ରବାସୀ ଛତ୍ରପୁରରେ ଥିବା ତାଙ୍କ ସାଙ୍ଗକୁ ଫୋନ୍ କରି ଛତ୍ରପୁର ଆଉଟପୋଷ୍ଟର ଏଏସଆଇ ଏସ. ଏ ପାତ୍ରଙ୍କ ମୋବାଇଲ ଫୋନ୍ ନମ୍ବର ନେଇ ଘଟଣା ସମ୍ପର୍କରେ ଜଣାଇଥିଲେ । ପରେ ଏଏସଆଇ ପାତ୍ର, କନେଷ୍ଟବଳ ଏସ୍. ବେହେରା ଛତ୍ରପୁର ଷ୍ଟେଶନରେ ଉକ୍ତ ଟ୍ରେନ୍‌ରୁ କ୍ଷେତ୍ରବାସୀଙ୍କ କହିବା ମୁତାବକ କୋଚ୍ ଓ ବର୍ଥ ନିକଟରୁ ତାଙ୍କ ବ୍ୟାଗ ପାଇଥିଲେ । ବ୍ୟାଗ୍ ମିଳିଥିବା ସମ୍ପର୍କରେ କ୍ଷେତ୍ରବାସୀଙ୍କୁ ଜଣା ଦିଆଯିବାରୁ ସେ ଛତ୍ରପୁର ଆଉଟପୋଷ୍ଟକୁ ଆସି ଉକ୍ତ ଟ୍ରଲି ବ୍ୟାଗ ନେଇଥିଲେ। ସେଥିରେ କ୍ଷେତ୍ରବାସୀଙ୍କ ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର, ଓ ମୋବାଇଲ ଥିଲା ।



ଯାତ୍ରୀଙ୍କୁ ବ୍ୟାଗ୍ ହସ୍ତାନ୍ତର କରାଯାଉଛି ।

## ମଦ ଜବତ, ୨ ଗିରଫ

ଫିରିଙ୍ଗିଆ, ୨।୯

ଗୋଚ୍ଛାପଡା ଥାନା ପୋଲିସ ସୋମବାର ରାଶନ ଦୋକାନ ଉପରେ ଚଢ଼ାଉ କରି ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗୋଚ୍ଛାପଡା ଅଞ୍ଚଳର କୈଳାସ ସାହୁ ଓ ଲିଟୁ ମିଶ୍ର । ଉଭୟଙ୍କଠାରୁ ୨୦ ଲିଟର ବିଦେଶୀ ମଦ ଜବତ କରାଯାଇଛି । ସମ୍ପୃକ୍ତ ଯୁବକମାନେ ଦୋକାନରେ ମଦ ବ୍ୟବସାୟ କରୁଥିବା ନେଇ ପୋଲିସ ପାଖରେ ଅଭିଯୋଗ ହୋଇ ଆସୁଥିଲା ।

■ ଛୁରାମାଡ଼ରେ ବଡ଼ଭାଇ ଗୁରୁତର ଘଟଣା

## ସାନଭାଇଙ୍କୁ ଗିରଫ କଲା ପୋଲିସ

ପୋଲସରା,୨।୯(ଡି.ଏନ.ଏ.)

ପୋଲସରା ଥାନା ନିକଟସ୍ଥ ବ୍ରାହ୍ମଣ ସାହି ଛକଠାରେ ବୁଧବାର ରାତିରେ ପାରିବାରିକ କଳହକୁ ନେଇ ସାନଭାଇଙ୍କ ଛୁରାମାଡ଼ରେ ବଡ଼ଭାଇ ସୂର୍ଯ୍ୟ ପାତ୍ର ଗୁରୁତର ହୋଇଥିଲେ। ଏ ନେଇ ସୂର୍ଯ୍ୟ ରବିବାର ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତି କରି ପୋଲିସ ନଂ. ୧୭୭/୧୯ରେ ମାମଲା ରୁଜୁ କରିଥିଲା। ସୋମବାର ଆକ୍ରମଣକାରୀ ସାନଭାଇ ଜଗନ୍ନାଥ ପାତ୍ର (ଜଗା)ଙ୍କୁ ପୋଲିସ ଗିରଫ କରିଛି। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ କହିଛନ୍ତି।





ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ; ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

DADLS-22




ନୂଆଖାଇ ଜୁହାର୍

ପଶ୍ଚିମ୍ ଓଡ଼ିଶାର୍ ଭାଏ ବହେନ୍ ମାନ୍‌କୁ ମୋର୍ ନୂଆଖାଇ ଜୁହାର୍ । ମା ସମ୍ଲେଶ୍ୱରୀଙ୍କ ଦୟାରୁ ଆପଣ ମାନ୍‌ଙ୍କର୍ କୁଟୁମ୍ବ, ପିଲାଛୁଆ ସଭେ ଭଲ୍‌ରେ ରହନ୍ । ଚାଷ୍‌ବାସ୍, ବେପାର୍ ବାଡି ସବୁ ଭଲ୍‌ରେ ହଉ । ଇଟା ମୋର୍ କାମନା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା




କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଉପଲକ୍ଷେ ମୁଁ ପଶ୍ଚିମ ଓଡ଼ିଶାର ସମସ୍ତ ଭାଇଭଉଣୀ ତଥା ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସଂପ୍ରୀତି ଓ ସମୃଦ୍ଧିର ଏହି ଲୋକପର୍ବରେ ଆରାଧ୍ୟା ଦେବୀ ମା' ସମଲେଇ ସମସ୍ତଙ୍କୁ କୃପା କରନ୍ତୁ, ଧରିତ୍ରୀ ମା' ଶସ୍ୟ ଶ୍ୟାମଳା ହେଉ, କୃଷକମାନେ ସଶକ୍ତ ହୁଅନ୍ତୁ ଏବଂ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଉଲ୍ଲାସ ଭରିଯାଉ, ଏହାହିଁ କାମନା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

15001/13/0033/1920


2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ